# ଆମର ମୁକ୍ତି



ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାର୍ଲଡ଼୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ସେପ୍ଟେମ୍ବର ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**
All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

## ଆର୍ଥିକ ଭାଗୀଦାରୀ :

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା “ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ”କୁ ପାଠ କରନ୍ତୁ । ଧନ୍ୟବାଦ !

## ମେଲିଂ ଲିଷ୍ଟ୍ :

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

## ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Our Redemption (Odia)**

# ଆମର ମୁକ୍ତି

# ସୂଚୀପତ୍ର


| | | |
|---|---|---|
| ୧. | ଆମର ମୁକ୍ତିକର୍ତ୍ତା ଜୀବିତ ! | ୧ |
| ୨. | ଆମର ମୁକ୍ତି | ୧୧ |
| ୩. | ଆମର ମୁକ୍ତିଜନିତ ଆଶୀର୍ବାଦସମୂହ | ୨୦ |
| ୪. | ଆମର ମୁକ୍ତିଜନିତ ଆଶୀର୍ବାଦସମୂହର ଅଧିକାରୀ ହେବା | ୩୧ |

# ୧

# ଆମର ମୁକ୍ତିକର୍ତ୍ତା ଜୀବିତ !

ବାଇବଲବିହୀନ ଏକ ଜଗତ ବିଷୟରେ ଚିନ୍ତା କରନ୍ତୁ– ଏହି ବିଶ୍ୱଜଗତର ଈଶ୍ୱରଙ୍କ ଲିଖିତ ପ୍ରକାଶନ ଆମ ନିକଟରେ ନାହିଁ । ତେବେ ଈଶ୍ୱରଙ୍କ ସମ୍ପର୍କରେ ଜ୍ଞାନ ଆମେ କିପରି ପାଇବା ? ବାଇବଲ ଯଦି ନ ଥାଆନ୍ତା, ଆମେ କ'ଣ ଏକ ସାର୍ବଭୌମ ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତେ, ଜଣେ ତ୍ରାଣକର୍ତ୍ତାଙ୍କର ଆବଶ୍ୟକତା ସମ୍ପର୍କରେ କ'ଣ ଆମେ ଜାଣନ୍ତେ, ଜଣେ ମୁକ୍ତିକର୍ତ୍ତାଙ୍କ ବିଷୟରେ ବୁଝିପାରନ୍ତେ ଯେ କି ଆମମାନଙ୍କୁ ପାପରୁ ଓ ଏହାର ପରିଣାମସବୁରୁ ମୁକ୍ତ କରିବାପାଇଁ ଏକ ମୂଲ୍ୟ ଦେଇଛନ୍ତି ?

## ଆୟୁବ ପୁସ୍ତକ – ଏକ ଐତିହାସିକ ଦୃଶ୍ୟ

"ଊଷ ଦେଶରେ ଆୟୁବ ନାମକ ଏକ ବ୍ୟକ୍ତି ଥିଲା; ଆଉ, ସେହି ମନୁଷ୍ୟ ସିଦ୍ଧ ଓ ସରଳ ଓ ପରମେଶ୍ୱର ଭୟକାରୀ ଓ କୁକ୍ରିୟାତ୍ୟାଗୀ ଥିଲା ।" (ଆୟୁବ ୧:୧) ।

ଆୟୁବ ସମ୍ଭବତଃ ମୋଶାଙ୍କୁ ବ୍ୟବସ୍ଥା ପ୍ରଦାନ କରିବା ପୂର୍ବରୁ ବଞ୍ଚିଥିଲେ । ବାଇବଲ ପଣ୍ଡିତ ଓ ଐତିହାସିକମାନେ କହନ୍ତି ଯେ ଆୟୁବ କେଉଁ ସମୟରେ ଥିଲେ ଓ କେଉଁ ସମୟରେ ଏହି ପୁସ୍ତକ ଲେଖାଯାଇଥିଲା ସେ ସମ୍ପର୍କରେ ନିଶ୍ଚିତରୂପେ କିଛି କୁହାଯାଇ ନ ପାରେ । ଯିହୂଦୀମାନଙ୍କ ରୀତିନୀତି, ପର୍ବପର୍ବାଣି, ମୋଶାଙ୍କ ବ୍ୟବସ୍ଥା, ଇତ୍ୟାଦି ବିଷୟରେ ଏଠାରେ କିଛି ଉଲ୍ଲେଖ ନ ଥିବାରୁ ମନେହୁଏ ବ୍ୟବସ୍ଥା ଦିଆଯିବା ପୂର୍ବରୁ ସେ ବଞ୍ଚିଥିଲେ । ଆମେ ମନେ କରିପାରୁ ସେ ଖ୍ରୀ.ପୂ. ୨୦୦୦ ବର୍ଷ ତଳେ ବଞ୍ଚିଥିଲେ । ଆୟୁବଙ୍କ ପୁସ୍ତକରେ ବର୍ଣ୍ଣିତ ଆୟୁବ ଯଦି ଆଦି ୪୬:୧୩ରେ ବର୍ଣ୍ଣିତ ଯାକୁବଙ୍କ ତୃତୀୟ ପୁତ୍ର ଇଷାଖରଙ୍କ ପୁତ୍ର ଅଟନ୍ତି ତେବେ ଡେକ୍ସ ବାଇବଲ ଅନୁସାରେ ଇଶ୍ରାଏଲୀୟମାନେ ମିଶରରୁ ବାହାରି ଆସିବାର ପ୍ରାୟ ୧୫ ବର୍ଷ ପୂର୍ବରୁ ଆୟୁବଙ୍କ ମୃତ୍ୟୁ ଘଟିଥିଲା । ଡ଼େକ୍ ସୂଚିତ କରନ୍ତି ଯେ ଆୟୁବଙ୍କ ଅନୁଭୂତି ସମ୍ପର୍କିତ ଘଟଣାବଳୀ ଖ୍ରୀ.ପୂ. ୧୮୪୫ ଆଡ଼କୁ ଘଟିଥିଲା । ସଠିକ୍ ସମୟ ନ ଜାଣିଲେ ସୁଦ୍ଧା ଆମେ ନିରାପଦରେ କହିପାରିବା ଯେ ସେ ମୋଶାଙ୍କ ବ୍ୟବସ୍ଥା ପ୍ରଦାନ ପୂର୍ବରୁ ରହିଥିଲେ ଅର୍ଥାତ୍ ମୋଶାଙ୍କ ଦ୍ୱାରା ପଞ୍ଚପୁସ୍ତକ ଲିଖିତ ହେବା ପୂର୍ବରୁ ଥିଲେ ।

ଈଶ୍ୱରଙ୍କ ପ୍ରକାଶନ ସମ୍ବନ୍ଧୀୟ କୌଣସି ଲିଖିତ ତଥ୍ୟ ଉପଲବ୍ଧ ନ ଥିବା ସମୟରେ ଆୟୁବ ଓ ତାଙ୍କର ବନ୍ଧୁମାନଙ୍କର ଈଶ୍ୱର ଓ ଅନନ୍ତକାଳ ସମ୍ବନ୍ଧରେ କ'ଣ ଜ୍ଞାନ ରହିଥିଲା

ତାହା ଜାଣିବା ଅତି ଚିତ୍ତାକର୍ଷକ ବିଷୟ । ତେବେ ଏହା ସମ୍ଭବ ଯେ ନୋହ, ଅବ୍ରହାମ୍, ଇସ୍‌ହାକ ଓ ଯାକୁବଙ୍କ ପରି ବ୍ୟକ୍ତିମାନଙ୍କର ଈଶ୍ୱରଙ୍କ ସମ୍ବନ୍ଧରେ ଯେଉଁ ଜ୍ଞାନ ରହିଥିଲା, ତାହା ବିଭିନ୍ନ ପିଢ଼ିର ଲୋକମାନଙ୍କୁ ଓ ସଂପୃକ୍ତ ଶାଖାଗୁଡ଼ିକୁ ମୌଖିକ ଭାବରେ ଜଣାଇ ଦିଆଯାଉଥିଲା । ସେମାନଙ୍କ ପାଖରେ ସୀମିତ ତଥ୍ୟ ରହିଥିଲେ ସୁଦ୍ଧା ପ୍ରାଚୀନକାଳୀନ ଆୟୁବଙ୍କ ଜୀବନ କାହାଣୀରେ ଈଶ୍ୱରଙ୍କ ସମ୍ବନ୍ଧୀୟ ଯେଉଁ ଗଭୀର ଜ୍ଞାନ ଉପସ୍ଥାପିତ ହୋଇଛି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

**ମୁକ୍ତି – ପ୍ରାଚୀନ ସମୟର ଧାରଣା**

ଆୟୁବ ପୁସ୍ତକ ଜଣେ ଧାର୍ମିକ ବ୍ୟକ୍ତିଙ୍କ ଅନୁଭୂତିସମୂହର ଏକ ବିବରଣୀ ଏବଂ ଏହି ବ୍ୟକ୍ତି ଶୟତାନର ଆକ୍ରମଣର ଶିକାର ହୋଇଥିଲେ । ଶୟତାନ ଈଶ୍ୱରଙ୍କଠାରୁ ଅନୁମତି ପ୍ରାପ୍ତ ହୋଇ ଆୟୁବ ଓ ତାଙ୍କ ପରିବାର ଉପରେ ଆକ୍ରମଣ କରିଥିଲା, ଫଳରେ ସେ ତାଙ୍କର ପିଲାମାନଙ୍କୁ ହରାଇଥିଲେ, ସମସ୍ତ ଧନସମ୍ପତ୍ତି ହରାଇଥିଲେ ଏବଂ ଆୟୁବଙ୍କ ଦେହରେ ଯନ୍ତ୍ରଣାଦାୟକ ବିସ୍ଫୋଟକସବୁ ଦେଖାଦେଲା । ଏହି ସମୟରେ ଆୟୁବଙ୍କ ତିନି ବନ୍ଧୁ- ଇଲୀଫସ୍, ବିଲ୍‌ଦଦ୍ ଓ ସୋଫର ତାଙ୍କର ଦୁଃଖଦୁର୍ଦ୍ଦଶା ଓ ଦୁର୍ବିପାକ ବିଷୟ ଶୁଣି ତାଙ୍କୁ ସାନ୍ତ୍ୱନା ଦେବାକୁ ଆସିଲେ । ତିନି ଜଣଯାକ ଯୁକ୍ତି ଦର୍ଶାଇଲେ ଯେ ଆୟୁବଙ୍କ ଦୁଃଖଭୋଗର କାରଣ ତାଙ୍କର ବ୍ୟକ୍ତିଗତ ପାପ । ତେବେ, ଆୟୁବ ନିଜର ଧାର୍ମିକତା ବିଷୟରେ ଦୃଢ଼ୋକ୍ତି ପ୍ରକାଶ କଲେ ଓ ଈଶ୍ୱରଙ୍କଠାରେ ତାଙ୍କର ଦୃଢ଼ ଭରସା ଥିବା ବିଷୟ କହିଲେ । ଏହାପରେ ଇଲୀହୂ ନାମକ ଜଣେ ବ୍ୟକ୍ତି ଆୟୁବଙ୍କୁ ଦେଖିବାକୁ ଆସିଲେ ଓ ନିଜର ଯୁକ୍ତି ଉପାସ୍ଥାପନା କଲେ । ଇଲୀହୂ ଦୃଢ଼ତାର ସହିତ କହିଲେ ଯେ ମନୁଷ୍ୟର ଧାର୍ମିକତା ଈଶ୍ୱରଙ୍କ ଦୃଷ୍ଟିରେ କିଛି ନୁହେଁ ଏବଂ ଈଶ୍ୱରଙ୍କ ପଥସବୁ ମନୁଷ୍ୟର ଅଗମ୍ୟ । ଆୟୁବଙ୍କ ବନ୍ଧୁଗଣ, ଆୟୁବ ଓ ଇଲୀହୂ ସେମାନଙ୍କର ବକ୍ତବ୍ୟ ସମାପ୍ତ କଲାପରେ ଈଶ୍ୱର କଥା କହିଲେ ଏବଂ ତାଙ୍କର ସାର୍ବଭୌମତ୍ୱ ଓ ମହାନତା ପ୍ରତି ଆୟୁବଙ୍କ ଦୃଷ୍ଟି ଆକର୍ଷଣ କଲେ । ଈଶ୍ୱର ମଧ୍ୟ ଆୟୁବଙ୍କ ତିନିବନ୍ଧୁ ଇଲୀଫସ୍, ବିଲ୍‌ଦଦ୍ ଓ ସୋଫରଙ୍କୁ ଭର୍ତ୍ସନା କରି କହିଲେ, "ତୁମ୍ଭେମାନେ ଆମ୍ଭ ଦାସ ଆୟୁବ ପରି ଆମ୍ଭ ବିଷୟରେ ଯଥାର୍ଥ କଥା କହି ନାହଁ" (ଆୟୁବ ୪୨:୮) । ଏହାପରେ ଈଶ୍ୱର ଆୟୁବଙ୍କ ଜୀବନରେ ହସ୍ତକ୍ଷେପ କଲେ, ସବୁ ବିଷୟର ପରିବର୍ତ୍ତନ କଲେ ଓ ତାଙ୍କୁ ଅତିଶୟ ଆଶୀର୍ବାଦ କଲେ ।

ଆୟୁବ ପୁସ୍ତକରେ ମନୁଷ୍ୟ କାହିଁକି ଦୁଃଖପାଏ ସେ ବିଷୟରେ ମାନବିକ ଦୃଷ୍ଟିକୋଣରୁ ଯୁକ୍ତି କରାଯାଇଛି । ଏହି ପୁସ୍ତକରେ ମଧ୍ୟ ଆମେ ଅନେକ ମୂଲ୍ୟବାନ୍ ଆତ୍ମିକ ସତ୍ୟ ରହିଥିବା ଦେଖୁ । ଏହି ବ୍ୟକ୍ତିମାନେ ଯାହାସବୁ କହିଛନ୍ତି ତାହା ଧର୍ମଶାସ୍ତ୍ରର

ଅନ୍ୟସବୁ ସ୍ଥାନରେ ପ୍ରକାଶିତ ଆଲୋକରେ ଦେଖିଲେ ସେସବୁ ପୂରାପୂରି ଠିକ୍ ନ ହେଲେ ସୁଦ୍ଧା ସମ୍ପୂର୍ଣ୍ଣ ଭୁଲ ନୁହେଁ । ଏହା ସମ୍ଭବ ଯେ ସେମାନେ ପାଇଥିବା କିଛି ଜ୍ଞାନ ଈଶ୍ୱର ନିଶ୍ୱସିତ ।

(**ନୋଟ୍:** ଧର୍ମଶାସ୍ତ୍ର ପ୍ରକାଶ କରେ ଯେ ଈଶ୍ୱର ମନୁଷ୍ୟକୁ ଅନ୍ତର୍ଦୃଷ୍ଟି ଓ ଜ୍ଞାନ ଦିଅନ୍ତି, ଏପରିକି ଦୈନନ୍ଦିନ ଜୀବନର ବିଭିନ୍ନ ବିଷୟରେ ମଧ୍ୟ । ଉଦାହରଣ ସ୍ୱରୂପ, ଯିଶା ୨୮:୨୩-୨୯ ପ୍ରକାଶ କରେ ଯେ ଚାଷ କରିବା ବିଷୟ ଈଶ୍ୱର ମନୁଷ୍ୟକୁ ଶିଖାଇଛନ୍ତି ।)

ଏଠାରେ ଲକ୍ଷ୍ୟ କରିବା ବିଷୟ ଏହି ଯେ ଜୀବନର ଆପଦ ବିପଦରେ ଯେ ଜଣେ 'ମୁକ୍ତିକର୍ତ୍ତା'ଙ୍କର ଆବଶ୍ୟକତା ରହିଛି ତାହା ଏହି ବ୍ୟକ୍ତିମାନେ ଜାଣିଥିଲେ । ମୁକ୍ତି ସମ୍ପର୍କରେ ଆୟୁବ ଓ ଇଲୀହୂଙ୍କ ବକ୍ତବ୍ୟରେ ଉଲ୍ଲେଖନୀୟ ଅନ୍ତର୍ଦୃଷ୍ଟିସମୂହ ରହିଛି । ଆୟୁବ ପୁସ୍ତକରେ ମୁକ୍ତି ସମ୍ପର୍କରେ କ'ଣ କୁହାଯାଇଛି ଆସନ୍ତୁ ଆମେ ଦେଖିବା ।

### ଇଲୀହୂଙ୍କ ବିଚାରଧାରା

"ପରମେଶ୍ୱର ଥରେ କହନ୍ତି, ଦୁଇଥର ହିଁ କହନ୍ତି, ତଥାପି ମନୁଷ୍ୟ ତହିଁରେ ମନ ଦିଏ ନାହିଁ; ସ୍ୱପ୍ନରେ, ରାତ୍ରିକାଳୀନ ଦର୍ଶନରେ; ମନୁଷ୍ୟମାନେ ଘୋର ନିଦ୍ରାରେ ମଗ୍ନ ହେବା ବେଳେ, ଶଯ୍ୟାରେ ଘୁମାଇବା ବେଳେ, ସେ ମନୁଷ୍ୟମାନଙ୍କର କର୍ଣ୍ଣ ମୁକ୍ତ କରନ୍ତି ଓ ସେମାନଙ୍କର ଶିକ୍ଷା ମୋହରାଙ୍କିତ କରନ୍ତି, ତଦ୍ଦ୍ୱାରା ସେ ମନୁଷ୍ୟକୁ ତାହାର ସଙ୍କଳ୍ପରୁ ନିବୃତ୍ତ କରନ୍ତି ଓ ମନୁଷ୍ୟଠାରୁ ଅହଙ୍କାର ଗୁପ୍ତ କରନ୍ତି । ସେ ତାହାର ପ୍ରାଣକୁ ଗର୍ତ୍ତରୁ ଓ ତାହାର ଜୀବନକୁ ଖଡ୍‌ଗାଘାତରୁ ଅଟକାଇ ରଖନ୍ତି । ମଧ୍ୟ ସେ ଆପଣା ଶଯ୍ୟାରେ ବ୍ୟଥା ଦ୍ୱାରା ଓ ଆପଣା ଅସ୍ଥି ମଧ୍ୟରେ ନିରନ୍ତର ଯୁଦ୍ଧ ଦ୍ୱାରା ଶାସ୍ତି ପାଏ; ତେଣୁ ତାହାର ଜୀବନ ଆହାରକୁ ଓ ତାହାର ପ୍ରାଣ ସୁସ୍ୱାଦୁ ଭକ୍ଷ୍ୟକୁ ଘୃଣା କରେ । ତାହାର ମାଂସ କ୍ଷୟ ପାଇ ଅଦୃଶ୍ୟ ହୁଏ ଓ ତାହାର ଅଦୃଶ୍ୟ ଥିବା ଅସ୍ଥିସବୁ ଦେଖାଯାଏ । ଆହୁରି, ତାହାର ପ୍ରାଣ ଗର୍ତ୍ତର ଓ ତାହାର ଜୀବନ ସଂହାରକର ସନ୍ନିକଟ ହୁଏ । ଯେବେ ମନୁଷ୍ୟକୁ ତାହାର କର୍ତ୍ତବ୍ୟତା ଦେଖାଇବା ପାଇଁ ତାହା ସଙ୍ଗେ ଜଣେ ଦୂତ, ସହସ୍ର ମଧ୍ୟରୁ ଜଣେ ଅର୍ଥକାରକ ଥାଏ; ତେବେ ସେ ତାହାକୁ କୃପା କରି କହିଲେ, ଗର୍ତ୍ତଗମନରୁ ତାହାକୁ ଉଦ୍ଧାର କର, ମୁଁ ପ୍ରାୟଶ୍ଚିତ୍ତ ପାଇଅଛି । ତାହାର ମାଂସ ବାଳକର ମାଂସ ଅପେକ୍ଷା ସତେଜ ହେବ; ସେ ଆପଣା ଯୌବନଦିନ ପୁନର୍ବାର ପାଇବ; ସେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ ଓ ସେ ତାହା ପ୍ରତି ପ୍ରସନ୍ନ ହୁଅନ୍ତି; ତେଣୁ ସେ ଆନନ୍ଦରେ ତାହାଙ୍କ ମୁଖ ଦର୍ଶନ କରେ; ଆଉ, ସେ ମନୁଷ୍ୟକୁ ତାହାର ଧାର୍ମିକତା ପୁନର୍ବାର ଦିଅନ୍ତି । ସେ ମନୁଷ୍ୟମାନଙ୍କ ସାକ୍ଷାତରେ ଗାନ କରି କହେ, ମୁଁ ପାପ କରିଅଛି ଓ ନ୍ୟାୟର ବିପରୀତ କରିଅଛି ଓ ତାହା ମୋହର ଲାଭଜନକ ହୋଇ ନାହିଁ । ସେ ମୋହର ପ୍ରାଣକୁ ଗର୍ତ୍ତଗମନରୁ ମୁକ୍ତ କରିଅଛନ୍ତି ଓ ମୋହର ଜୀବନ ଆଲୁଅ ଦେଖିବ । ଦେଖ, ମନୁଷ୍ୟ ଯେପରି ଜୀବିତ ଲୋକଙ୍କ ଦୀପ୍ତିରେ ଦୀପ୍ତିମାନ

ହେବ, ଏଥିପାଇଁ ଗର୍ତ୍ତରୁ ତାହାର ପ୍ରାଣ ଫେରାଇ ଆଣିବାକୁ, ପରମେଶ୍ୱର ତାହା ସହିତ ଦୁଇଥର, ମଧ୍ୟ ତିନିଥର ଏହିସବୁ ବ୍ୟବହାର କରନ୍ତି ।" (ଆୟୁବ ୩୩:୧୪-୩୦)

ଇଲୀହୂ ଶେଷରେ ତାଙ୍କର ବକ୍ତବ୍ୟ ରଖିଥିଲେ, କାରଣ ଆୟୁବଙ୍କୁ ସାନ୍ତ୍ୱନା ଦେବାକୁ ଆସିଥିବା ଅନ୍ୟ ବନ୍ଧୁମାନଙ୍କ ମଧ୍ୟରେ ସେ କନିଷ୍ଠ ଥିଲେ । ଇଲୀହୂ ଆରମ୍ଭରୁ ସ୍ୱର୍ଗୀୟ ପ୍ରକାଶନ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅଂଶକୁ ପାଠ କରନ୍ତୁ,

"ଅନନ୍ତର ବୂଷୀୟ ବାରଖେଲର ପୁତ୍ର ଇଲୀହୂ ଉତ୍ତର କରି କହିଲା, ମୁଁ ଯୁବା ଲୋକ, ଆଉ ତୁମ୍ଭେମାନେ ଅତି ବୃଦ୍ଧ; ଏଣୁ ମୁଁ କ୍ଷାନ୍ତ ହେଲି ଓ ତୁମ୍ଭମାନଙ୍କ ନିକଟରେ ଆପଣା ମତ ପ୍ରକାଶ କରିବାକୁ ସାହସ କଲି ନାହିଁ । ମୁଁ କହିଲି, ଦିନସମୂହ କଥା କହିବେ ଓ ବର୍ଷର ବାହୁଲ୍ୟ ଜ୍ଞାନ ଶିଖାଇବେ" (ଆୟୁବ ୩୨:୬-୯) ।

ଆମେ ସ୍ମରଣ ରଖିବା ଯେ ପରେ ଯେତେବେଳେ ଈଶ୍ୱର କଥା କହିଲେ, ସେ ଆୟୁବଙ୍କ ତିନିବନ୍ଧୁ- ଇଲୀଫସ୍, ବିଲ୍‌ଦଦ୍ ଓ ସୋଫରଙ୍କୁ ଭର୍ତ୍ସନା କରିଥିଲେ, ମାତ୍ର ଇଲୀହୂଙ୍କୁ କରି ନ ଥିଲେ ।

ଇଲୀହୂ ତାଙ୍କର ବକ୍ତବ୍ୟରେ ଆୟୁବଙ୍କ ଆତ୍ମ-ଧାର୍ମିକ ମନୋଭାବ ଓ ନ୍ୟାୟରୁ ବଞ୍ଚିତ କରିଥିବାରୁ ଈଶ୍ୱରଙ୍କୁ ଦୋଷ ଦେଉଥିବାରୁ ଆୟୁବଙ୍କୁ ସେ ଭର୍ତ୍ସନା କରିଥିଲେ । ଇଲୀହୂ କହନ୍ତି ଯେ ଈଶ୍ୱର ମନୁଷ୍ୟକୁ ତା'ର ଭ୍ରାନ୍ତିଯୁକ୍ତ ପଥରୁ ଫେରାଇବାକୁ ସ୍ୱପ୍ନ ଓ ଦର୍ଶନରେ ତାକୁ କଥା କହିଥାନ୍ତି । ଈଶ୍ୱର ମଧ୍ୟ ମନୁଷ୍ୟକୁ ଅସୁସ୍ଥତା ଓ ଯନ୍ତ୍ରଣା ମଧ୍ୟ ଦେଇ ନିଅନ୍ତି ଯେପରି କି ସେ ତାକୁ ନିଜ ଆଡ଼କୁ ଆକର୍ଷିତ କରିବେ । ଯଦି ଜଣେ ବ୍ୟକ୍ତି ରୋଗରେ ଶଯ୍ୟାଶାୟୀ ଓ ତା'ର ମୃତ୍ୟୁ ଆସନ୍ନ, ଯଦି କେହି ବାର୍ତ୍ତାବହ ତା' ନିକଟକୁ ଯାଇ ତାକୁ ଈଶ୍ୱରଙ୍କ ବିଷୟରେ କହେ ଓ ଅନୁତପ୍ତ ହୋଇ ଈଶ୍ୱରଙ୍କ ପ୍ରତି ଫେରି ଆସିବାକୁ ପ୍ରବର୍ତ୍ତାଏ ଏବଂ ଉକ୍ତ ବ୍ୟକ୍ତି ଅନୁତାପ କରି ଫେରେ ତେବେ "ସେ ତାହାକୁ କୃପା କରି କହିବେ, ଗର୍ତ୍ତଗମନରୁ ତାହାକୁ ଉଦ୍ଧାର କର, ମୁଁ ତା' ପାଇଁ ମୁକ୍ତିର ମୂଲ୍ୟ ପାଇଛି" (ଆୟୁବ ୩୩:୨୪) ।

ମୁକ୍ତି କରିବା ପାଇଁ ଯେଉଁ ମୂଲ୍ୟ ଦେବାକୁ ହୁଏ ତାକୁ ମୁକ୍ତିର ମୂଲ୍ୟ କୁହାଯାଏ । ଯଦି କାହାକୁ ପଣବନ୍ଦୀ କରି ରଖାଯାଇଛି, ତେବେ ତାକୁ ମୁକ୍ତ କରିବା ପାଇଁ କିଛି ମୂଲ୍ୟ ଦେବାକୁ ହୋଇଥାଏ । ବନ୍ଦୀତ୍ୱରୁ ତାକୁ ମୁକୁଳାଇବା ପ୍ରକ୍ରିୟାକୁ ମୁକ୍ତି କୁହାଯାଏ । ଆୟୁବ ୩୩:୨୪ରେ ବ୍ୟବହୃତ ମୁକ୍ତିର ମୂଲ୍ୟ (ransom)କୁ ପ୍ରାୟଶ୍ଚିତ ମଧ୍ୟ କୁହାଯାଏ । ଏହା ମଧ୍ୟ ପାପକୁ ଆଚ୍ଛାଦନ ଓ ତୋଷଣ କରିବାକୁ ବୁଝାଏ ।

ଏହା ଚିତ୍ତାକର୍ଷକ ବିଷୟ ଯେ ମୁକ୍ତିର ମୂଲ୍ୟ ସମ୍ପର୍କିତ ଚିନ୍ତାଧାରା ପ୍ରାଚୀନ କାଳର ଲୋକମାନେ ବୁଝିଥିଲେ । ଜଣେ ଅସୁସ୍ଥ ବ୍ୟକ୍ତିକୁ ବିନାଶରୁ ରକ୍ଷା କରିବା କ୍ଷେତ୍ରରେ ମଧ୍ୟ ଏହି ଚିନ୍ତାଧାରା ପ୍ରଚଳିତ ଥିଲା । ଏଠାରେ 'ଗର୍ତ୍ତ' କହିଲେ ଉଭୟ ଶାରୀରିକ ଓ ଅନନ୍ତକାଳୀନ ବିନାଶକୁ ବୁଝାଏ ।

**ମୁଁ ମୁକ୍ତିର ମୂଲ୍ୟ (ପ୍ରାୟଶ୍ଚିତ) ପାଇଅଛି**

ଈଶ୍ୱର ମୁକ୍ତିର ମୂଲ୍ୟ ପାଇବା ପରେ ଜଣେ ଦୁଃଖଗ୍ରସ୍ତ ଲୋକପ୍ରତି କ'ଣ ଘଟେ ତାହା ଇଲୀହୂ ବର୍ଣ୍ଣନା କରନ୍ତି । ଏହାକୁ ଆମେ "ମୁକ୍ତିର ମୂଲ୍ୟଜନିତ ଆଶୀର୍ବାଦସମୂହ" କହିବା । ସେଗୁଡ଼ିକ ନିମ୍ନରେ ବର୍ଣ୍ଣିତ ହୋଇଛି ।

**୧. ଈଶ୍ୱର ତାହାକୁ କୃପା କରିବେ (୨୪ ପଦ)**

ଯେହେତୁ ଈଶ୍ୱର ମୁକ୍ତିର ମୂଲ୍ୟ ପାଇଛନ୍ତି ସେ ଦୁଃଖଗ୍ରସ୍ତ ଲୋକ ପ୍ରତି ଅନୁଗ୍ରହ ପ୍ରକାଶ କରିବେ । ଜଣେ ବ୍ୟକ୍ତି ଅତୀତରେ ପାପରେ ଜୀବନଯାପନ କରୁଥିଲା, ମାତ୍ର ସେ ଏବେ ତା'ର ପାପସବୁର ବୋଧ ପାଇଛି ଓ ଈଶ୍ୱରଙ୍କ ପ୍ରତି ଫେରିଛି । ମୁକ୍ତିର ମୂଲ୍ୟ ଦ୍ୱାରା ଈଶ୍ୱରଙ୍କ ନ୍ୟାୟବିଚାରର ଯେଉଁ ଦାବିଥିଲା ଯେ ପାପ ନିମନ୍ତେ ଦଣ୍ଡ ମିଳିବା ଆବଶ୍ୟକ, ତାହା ପୂରଣ ହୋଇପାରିଛି । ତେଣୁ ତାଙ୍କର ଅନୁଗ୍ରହ ଏବେ ଉପଲବ୍ଧ ହୋଇପାରିବ । ମୁକ୍ତିର ମୂଲ୍ୟ ଯୋଗୁଁ ଆମେ ଈଶ୍ୱରଙ୍କର ଅନୁଗ୍ରହ ଲାଭ କରିଥାଉ ।

**୨. ଗର୍ତ୍ତଗମନରୁ ତାହାକୁ ଉଦ୍ଧାର କର (୨୪ ପଦ)**

ଈଶ୍ୱର ମୁକ୍ତିର ମୂଲ୍ୟ ପାଇଥିବାରୁ ଓ ତାହାଙ୍କ ଅନୁଗ୍ରହ ପ୍ରକାଶ କରିଥିବାରୁ ଈଶ୍ୱର ଆଦେଶ ଦିଅନ୍ତି ଯେ ଉକ୍ତ ବ୍ୟକ୍ତି ଶାରୀରିକ ମୃତ୍ୟୁରୁ ଉଦ୍ଧାରପ୍ରାପ୍ତ ହେଉ । ଅସୁସ୍ଥତା ହେତୁ ବ୍ୟକ୍ତିଜଣକର ମୃତ୍ୟୁ ଆସନ୍ନ ଥିଲା, କିନ୍ତୁ ଈଶ୍ୱର ମୁକ୍ତିର ମୂଲ୍ୟ ପାଇ ତାଙ୍କର ଅନୁଗ୍ରହ ପ୍ରକାଶ କରିଥିବା ହେତୁ, ଏହି ବ୍ୟକ୍ତିଜଣକ ଗୀତରଚକଙ୍କ ପରି କହିପାରେ, "ମୁଁ ମରିବି ନାହିଁ, ମାତ୍ର ବଞ୍ଚିବି ଓ ସଦାପ୍ରଭୁଙ୍କର କର୍ମସବୁ ବର୍ଣ୍ଣନା କରିବି" (ଗୀତ ୧୧୮:୧୭) । 'ଉଦ୍ଧାର' (ଏବ୍ରୀ pada) କହିଲେ "ଉଦ୍ଧାର କରିବା, ମୁକ୍ତ କରିବା, ବନ୍ଧନ ଖୋଲି ଦେବା, ଏକ ମୂଲ୍ୟ ଦେଇ ମୁକୁଳାଇବା"କୁ ବୁଝାଏ । ଅସୁସ୍ଥତାଜନିତ ଶାରୀରିକ ମୃତ୍ୟୁରୁ ଉଦ୍ଧାର ପାଇବା ମଧ୍ୟ ମୁକ୍ତିର ମୂଲ୍ୟଜନିତ ଏକ ଆଶୀର୍ବାଦ । ଏପରି ନୁହେଁ ଯେ ଆମେ ଶରୀରରେ ଅମର ରହିବା । ପ୍ରତ୍ୟେକ ମନୁଷ୍ୟ ମୃତ୍ୟୁ ଭୋଗିବା ଅନିବାର୍ଯ୍ୟ (ଏବ୍ରୀ ୯:୨୭) । ତେବେ, ସାଧାରଣ ଭାବରେ ଆମେ "ଯଥା ସମୟରେ ଆନୀତ ଶସ୍ୟବିଡ଼ା ତୁଲ୍ୟ ପୂର୍ଣ୍ଣାୟୁ ହୋଇ ଆପଣା କବରକୁ" ଯିବା (ଆୟୁବ ୫:୨୬) ।

**୩. ତାହାର ମାଂସ ବାଳକର ମାଂସ ଅପେକ୍ଷା ସତେଜ ହେବ; ସେ ଆପଣା ଯୌବନ ଦିନ ପୁନର୍ବାର ପାଇବ (୨୫ ପଦ)**

ଆରୋଗ୍ୟଲାଭ ଓ ଶାରୀରିକ ସୁସ୍ଥତା ଫେରିପାଇବା ମୁକ୍ତିର ମୂଲ୍ୟର ଅନ୍ୟ ଏକ ଆଶୀର୍ବାଦ । ଯେଉଁ ବ୍ୟକ୍ତି ଅସୁସ୍ଥ ଥିଲା ସେ ଏବେ ସୁସ୍ଥତା ଓ ଶକ୍ତି ଫେରି ପାଇଛି । ମୁକ୍ତିର ମୂଲ୍ୟ ଯୋଗୁଁ ଈଶ୍ୱର ଆମର ସବୁ ପାପ କ୍ଷମା କରନ୍ତି ଓ ଆମର ରୋଗସବୁ ସୁସ୍ଥ କରନ୍ତି । ହାଲ୍ଲେଲୁୟା !

**୪. ସେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ ଓ ସେ ତାହା ପ୍ରତି ପ୍ରସନ୍ନ ହୁଅନ୍ତି (୨୬ ପଦ)**

ପ୍ରାର୍ଥନାର ଉତ୍ତର ପାଇବା ମୁକ୍ତିର ମୂଲ୍ୟର ଅନ୍ୟ ଏକ ଆଶୀର୍ବାଦ । ପାପ ଆମକୁ ଈଶ୍ୱରଙ୍କଠାରୁ ଦୂରେଇ ରଖେ ।

"ମାତ୍ର ତୁମ୍ଭମାନଙ୍କ ଅପରାଧସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କଠାରୁ ତାହାଙ୍କ ମୁଖ ଲୁଚାଇଅଛି, ଏଥିପାଇଁ ସେ ଶୁଣିବେ ନାହିଁ" (ଯିଶା ୫୯:୨) ।

ଆମର ପ୍ରାର୍ଥନା ଶୁଣିବା ଓ ତା'ର ଉତ୍ତର ଦେବା ରାସ୍ତାରେ ପାପ ବାଧା ସୃଷ୍ଟି କରିଥାଏ । ତଥାପି, ଯେହେତୁ ସେ ମୁକ୍ତିର ମୂଲ୍ୟ ପାଇଛନ୍ତି ଆମର ପାପସବୁ ପଥ ମଧ୍ୟରୁ ଦୂରୀକୃତ ହୋଇଥାଏ, ଯେତେବେଳେ ଆମେ ମନପରିବର୍ତ୍ତନ କରି ତାଙ୍କ ନିକଟକୁ ଫେରିଆସୁ । ବର୍ତ୍ତମାନ ଆମେ ଯଦି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା, ସେ ଅନୁଗ୍ରହ କରି ଆମ ପ୍ରାର୍ଥନାର ଉତ୍ତର ଦେବେ !

**୫. ସେ ଆନନ୍ଦରେ ତାହାଙ୍କ ମୁଖ ଦର୍ଶନ କରେ (୨୬ ପଦ)**

ମୁକ୍ତିର ମୂଲ୍ୟ ଦିଆ ସରିଥିବାରୁ ବର୍ତ୍ତମାନ ଈଶ୍ୱରଙ୍କ ସଙ୍ଗେ ଏକ ସୁସ୍ଥ, ନିଶ୍ଚିତ, ଆନନ୍ଦପୂର୍ଣ୍ଣ, ବ୍ୟକ୍ତିଗତ ଓ ଘନିଷ୍ଠ ସମ୍ପର୍କ ସ୍ଥାପିତ ହୋଇପାରିବ । ଆମେ ଆଉ ପାପର କ୍ରୀତଦାସ ଭାବରେ ଭୟରେ ସଙ୍କୁଚିତ ହୋଇ ରହିବା ଆବଶ୍ୟକ ନାହିଁ, କିନ୍ତୁ ମୁକ୍ତିପ୍ରାପ୍ତ ପୁତ୍ର ଓ କନ୍ୟାଭାବରେ, ଈଶ୍ୱରଙ୍କୁ, "ଆବ୍ବା ପିତଃ" ବୋଲି ଡାକିପାରିବା । ଈଶ୍ୱରଙ୍କ ସଙ୍ଗେ ଆମେ ଶାନ୍ତି, ସଙ୍ଗତି, ବନ୍ଧୁତା ଓ ସହଭାଗିତାରେ ରହିଛୁ ।

**୬. ସେ ମନୁଷ୍ୟକୁ ତାହାର ଧାର୍ମିକତା ପୁନର୍ବାର ଦିଅନ୍ତି (୨୬ ପଦ)**

ଈଶ୍ୱର ଲୋକମାନଙ୍କୁ ତାଙ୍କ ସଙ୍ଗେ ଯଥାର୍ଥ ଭାବେ ଠିଆ ହେବାକୁ ଦେଇଥାନ୍ତି । "ଈଶ୍ୱରଙ୍କ ସଙ୍ଗେ ଯଥାର୍ଥ ସମ୍ପର୍କ" କହିଲେ ଈଶ୍ୱର ଆମକୁ ଆଉ ଦୋଷୀଭାବରେ ଦେଖନ୍ତି

ନାହିଁ । ସ୍ୱର୍ଗର ଅଦାଲତରେ ଆମେ ଦଣ୍ଡାଜ୍ଞାରୁ ମୁକ୍ତ ଘୋଷିତ ହୋଇଛୁ । ଆମେ ଦୋଷମୁକ୍ତ, କ୍ଷମାପ୍ରାପ୍ତ ଓ ଦଣ୍ଡମୁକ୍ତ ହୋଇଥାଉ । ଆମେ ଯେତେବେଳେ ଈଶ୍ୱରଙ୍କ ଆଗରେ ଠିଆ ହେଉ ଆମେ କେବେହେଲେ ପାପ କରିନାହୁଁ ବୋଲି ଧରି ନିଆଯାଏ । ଆମେ ଆମର ମୁଣ୍ଡ ଟେକି ଚାଲିପାରୁ । ଆମେ ଈଶ୍ୱରଙ୍କ ସାନିଧ୍ୟକୁ ଭୟରେ ବା ଦଣ୍ଡାଜ୍ଞା ମଧ୍ୟରେ ରହିଥିବା ପାପୀ ପରି ଆସି ନ ଥାଉ, ମାତ୍ର ସାହସରେ ଓ ନିଶ୍ଚିତତାର ସହିତ ଆସିଥାଉ, ମୁକ୍ତିର ମୂଲ୍ୟ ହେତୁ ଏହା ଅନ୍ୟ ଏକ ଆଶୀର୍ବାଦ ଅଟେ ।

**୭. ସେ ମୋହର ପ୍ରାଣକୁ ଗର୍ତ୍ତଗମନରୁ ମୁକ୍ତ କରିଅଛନ୍ତି ଓ ମୋହର ଜୀବନ ଆଲୁଅ ଦେଖିବ (୨୮ ପଦ)**

ମୁକ୍ତି (ଏବ୍ରୀ padah) ଅର୍ଥାତ୍ ଅନନ୍ତ ବିନାଶରୁ ମୁକ୍ତି ସମ୍ଭବ ହୋଇଛି ଏହି ମୁକ୍ତିର ମୂଲ୍ୟ ଯୋଗୁଁ । ଯେଉଁ ବ୍ୟକ୍ତି ଆପଣାର ଗର୍ବ ଓ ଅହଙ୍କାରରେ ବିପଥଗାମୀ ହୋଇଥିଲା, ସେ ମନ ପରିବର୍ତ୍ତନ କରି ଫେରି ଆସିଲେ ତା' ନିମନ୍ତେ ଅନନ୍ତକାଳ ରହିଛି ଯେଉଁଠାରେ ସେ ଆଲୋକରେ ସଦାକାଳ ବାସ କରିବ ।

ଆୟୁବ ୩୩:୧୪-୩୦ରେ ମୁକ୍ତିର ମୂଲ୍ୟର ଏହି ସାତୋଟି ଆଶୀର୍ବାଦ ବିଷୟରେ କୁହାଯାଏ । କି ଆଶ୍ଚର୍ଯ୍ୟ ପ୍ରକାଶନ! ଈଶ୍ୱର ତାଙ୍କ ଲୋକ ଇସ୍ରାଏଲୀୟମାନଙ୍କୁ ପୁରାତନ ନିୟମରେ ବଳିଦାନ ବିଷୟରେ ଶିକ୍ଷା ଦେବା ପୂର୍ବରୁ ଏବଂ ଯିଶାଇୟ ଭାବବାଦୀ ଖ୍ରୀଷ୍ଟଙ୍କ କାର୍ଯ୍ୟ ସମ୍ପର୍କରେ ଭାବବାଣୀ ପ୍ରକାଶ କରିବା ପୂର୍ବରୁ (ଯିଶା ୫୩) ଇଲୀହୂ ଏହି ବିଷୟ ଜାଣିଥିଲେ, ଯାହା ନିଶ୍ଚିତରୂପେ ଏକ ଆଶ୍ଚର୍ଯ୍ୟ ବିଷୟ!

**ସମସ୍ତଙ୍କ ମୁକ୍ତିର ମୂଲ୍ୟ**

"କାରଣ ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି, ସେ ଖ୍ରୀଷ୍ଟ ଯୀଶୁ, ଜଣେ ମନୁଷ୍ୟ । ସେ ସମସ୍ତଙ୍କ ମୁକ୍ତିର ମୂଲ୍ୟସ୍ୱରୂପେ ଆପଣାକୁ ଦାନକରି, ଯଥା ସମୟରେ ସେଥିର ସାକ୍ଷ୍ୟ ଦେଇଅଛନ୍ତି" (୧ତୀମଥି ୨:୫,୬) ।

ପ୍ରାୟ ୨୦୦୦ ବର୍ଷ ପରେ, "କାଳ ସମ୍ପୂର୍ଣ୍ଣ" ହୁଅନ୍ତେ, ଈଶ୍ୱର "ମୁକ୍ତିର ମୂଲ୍ୟ" ଉପଲବ୍ଧ କରାଇଲେ । ଯୀଶୁଖ୍ରୀଷ୍ଟ ତାହା କରିଥିଲେ । ଈଶ୍ୱର ମନୁଷ୍ୟରୂପେ ଜନ୍ମ ନେଲେ । କେବଳ ସେ ହିଁ, ଏହି ମୁକ୍ତିର ମୂଲ୍ୟ ଦେବାକୁ ଯୋଗ୍ୟ ବ୍ୟକ୍ତି ଅଟନ୍ତି । ଏଥିପାଇଁ ସେ ନିଜ ଜୀବନକୁ ବଳି ଦେଲେ । ସେ ସମସ୍ତଙ୍କ ମୁକ୍ତିର ମୂଲ୍ୟସ୍ୱରୂପେ ଆପଣା ଜୀବନ ଦେଲେ ।

ପ୍ରତ୍ୟେକ ମନୁଷ୍ୟ ପାପ କରିଛନ୍ତି । ପାପର କୁପରିଣାମ ରହିଛି- ସେଥିରୁ କେତୋଟି ଇହ ଜଗତରେ ଆମେ ଭୋଗକରୁ, ଏବଂ ଅନ୍ୟ କେତୋଟି ପରକାଳରେ ମୃତ୍ୟୁପରେ

ଆମେ ଭୋଗ କରୁ । ପାପ ଯୋଗୁଁ ଦୁଃଖ ଓ ବିନାଶ ଆସିଥାଏ । ପାପ ଯୋଗୁଁ ସାରା ମାନବଜାତି ଶୟତାନର ବନ୍ଧନ ମଧ୍ୟକୁ ବିକ୍ରି ହୋଇଗଲା । ଶୟତାନ ଲୋକମାନଙ୍କ ଜୀବନକୁ ଅତ୍ୟାଚାର ଓ ନିର୍ଯ୍ୟାତନା ଦେଇଥାଏ । ତେବେ ସୁସମ୍ବାଦ ହେଉଛି ଯେ ପାପରୁ ଓ ଶୟତାନଠାରୁ ମୁକ୍ତି କରିବାର ମୂଲ୍ୟ ଦିଆସରିଛି । ପାପ ଓ ଶୟତାନର ବନ୍ଧନରୁ ଆମମାନଙ୍କୁ ମୁକ୍ତି ଦେବାପାଇଁ ଯୀଶୁ ମୁକ୍ତିର ମୂଲ୍ୟ ରୂପେ ଆପଣା ଜୀବନ ଦେଲେ । ଆଜି ପୃଥିବୀରେ ବଞ୍ଚି ରହିଥିବା ସମସ୍ତେ ଏହି ସତ୍ୟକୁ ଜାଣିବା ଉଚିତ ଯେପରି ସେମାନେ "ମୁକ୍ତିର ମୂଲ୍ୟଜନିତ ଆଶୀର୍ବାଦସମୂହକୁ" ନିଜ ଜୀବନରେ ପ୍ରାପ୍ତ ହେବେ ।

**ଆୟୁବଙ୍କ ବିଚାରଧାରା**

"ମାତ୍ର ମୁଁ ଜାଣେ ଯେ, ମୋହର ମୁକ୍ତିକର୍ତ୍ତା ଜୀବିତ ଅଛନ୍ତି ଓ ଶେଷରେ ସେ ପୃଥିବୀ ଉପରେ ଠିଆ ହେବେ; ପୁଣି, ମୋହର ଚର୍ମ ଏହି ରୂପେ ବିନଷ୍ଟ ହେଲା ଉତ୍ତାରେ ହେଁ ମୁଁ ମାଂସବିହୀନ ହୋଇ ପରମେଶ୍ୱରଙ୍କୁ ଦେଖିବି; ମୁଁ ତାହାଙ୍କୁ ଆପଣାର ସପକ୍ଷ ଦେଖିବି, ମୋହର ଚକ୍ଷୁ ତାହାଙ୍କୁ ଦେଖିବ, ଅନ୍ୟ ନୁହେଁ । ବକ୍ଷ ମଧ୍ୟରେ ମୋହର ହୃଦୟ କ୍ଷୀଣ ହେଉଅଛି" (ଆୟୁବ ୧୯:୨୫-୨୭) ।

ଉପରୋକ୍ତ ଶାସ୍ତ୍ରାଂଶ ଧର୍ମଶାସ୍ତ୍ରର ଏକ ବିଶେଷ ଅଂଶ । ଆୟୁବ ଏତେ ଅଧିକ ଦୁଃଖଭୋଗ କରୁଥିବା ସତ୍ତ୍ୱେ, ଯଦିବା ତାଙ୍କ ଦୁଃଖଭୋଗର "କାହିଁକି", "କିପରି" ଓ "କେତେକାଳ" ର ଉତ୍ତର ସେ ପାଇ ପାରୁ ନ ଥିଲେ, ତଥାପି ସେ ଏହି ଉଲ୍ଲେଖନୀୟ ବିଷୟ କହିପାରିଥିଲେ । ଅଧିକନ୍ତୁ, ବାଇବଲ ସେସମୟରେ ନ ଥିବା ସତ୍ତ୍ୱେ ଆୟୁବ କିପରି ଏହି ପ୍ରକାଶନ ପ୍ରାପ୍ତ ହେଲେ, ଏହି ଆତ୍ମିକ ସତ୍ୟକୁ ଜାଣିଲେ, ଆଶ୍ଚର୍ଯ୍ୟ ଲାଗେ ।

ଆୟୁବ ତାଙ୍କ ବିଶ୍ୱାସକୁ ପ୍ରକଟ କରି କହନ୍ତି ଯେ ତାଙ୍କ ମୁକ୍ତିକର୍ତ୍ତା ଜୀବିତ ଅଛନ୍ତି । ସେ ତାଙ୍କୁ ଉଦ୍ଧାର କରିବେ । ସେ ବିଶ୍ୱାସର ସହିତ କହନ୍ତି ଯେ ଭବିଷ୍ୟତରେ ତାଙ୍କ ମୁକ୍ତିକର୍ତ୍ତା ପୃଥିବୀ ଉପରେ ଠିଆ ହେବେ । ସେ ମଧ୍ୟ ବିଶ୍ୱାସ କରିଥିଲେ ଯେ ତାଙ୍କ ଶରୀର ନଷ୍ଟ ହୋଇଯାଇଥିଲେ ମଧ୍ୟ ଅନ୍ୟ ଏକ ଶରୀରରେ ସେ ଈଶ୍ୱରଙ୍କୁ ଦେଖିବେ । ଆୟୁବ ପୁନରୁତ୍‌ଥାନରେ ବିଶ୍ୱାସ କରୁଥିଲେ । ଅନନ୍ତକାଳୀନ ବିଷୟସବୁ ଉପରେ ତାଙ୍କର ସଠିକ୍ ଜ୍ଞାନ ରହିଥିଲା, ଯାହାକି ଆଶ୍ଚର୍ଯ୍ୟଜନକ !

ମୁକ୍ତି, ଅର୍ଥାତ୍ ମୁକ୍ତିର ମୂଲ୍ୟ ଦିଆଯିବା ପରେ ଯେଉଁ ସ୍ୱାଧୀନତା ମିଳେ, ତା'ର ଅନେକ ଆତ୍ମିକ ଆଶୀର୍ବାଦ ତତ୍‌କ୍ଷଣାତ୍ ମିଳେ ଓ ଅନେକ ଆଶୀର୍ବାଦ ଭବିଷ୍ୟତକାଳୀନ, ଅନନ୍ତକାଳୀନ । ଆୟୁବ ୧୯:୨୫-୨୭ରେ ବ୍ୟବହୃତ 'ମୁକ୍ତିକର୍ତ୍ତା' (ଏବ୍ରୀ gaal) ଓ ମୁକ୍ତିକର୍ତ୍ତା ଜ୍ଞାତି ସମାର୍ଥବୋଧକ । ନିଜ ପରିବାର ପରେ ରକ୍ତସମ୍ପର୍କୀୟ ବ୍ୟକ୍ତି ଆସନ୍ତି । ପ୍ରାଚ୍ୟ ନିୟମ ଅନୁସାରେ ଜଣେ ନିକଟତମ ସମ୍ପର୍କୀୟକୁ ତା'ର ସମ୍ପର୍କୀୟର ସମ୍ପତ୍ତିକୁ

ମୁକ୍ତ କରିବାର (ମୂଲ୍ୟ ଦେଇ କ୍ରୟ କରିବା) ଦାୟିତ୍ୱ /ଅଧିକାର ମିଳିଥାଏ । ତାକୁ ମୁକ୍ତିକର୍ତ୍ତା ଜ୍ଞାତି କୁହାଯାଏ । କେବଳ ସେତିକି ନୁହେଁ, ଜଣେ "ମୁକ୍ତିକର୍ତ୍ତା-ଜ୍ଞାତି" ତା'ର ମୃତ ସମ୍ପର୍କୀୟର ବିଧବା ପତ୍ନୀକୁ ମଧ୍ୟ ବିବାହ କରିପାରିବ । ଆୟୁବ ସେଥିପାଇଁ ଈଶ୍ୱରଙ୍କୁ ମୁକ୍ତିକର୍ତ୍ତା-ଜ୍ଞାତି କହନ୍ତି ।

**ଆମର ମୁକ୍ତିକର୍ତ୍ତା-ଜ୍ଞାତି**

"ଆଉ ଯେବେ ତୁମ୍ଭମାନଙ୍କ ମଧ୍ୟରେ କୌଣସି ବିଦେଶୀ କି ପ୍ରବାସୀ ଲୋକର ହସ୍ତ ଧନରେ ବଢ଼େ, ପୁଣି, ତାହାର ନିକଟବର୍ତ୍ତୀ ତୁମ୍ଭର ଭ୍ରାତା ଦରିଦ୍ର ହୋଇଯାଏ ଓ ସେହି ବିଦେଶୀ କି ପ୍ରବାସୀ କିଅବା ସେହି ବିଦେଶୀ ବଂଶରୁ ଉତ୍ପନ୍ନ କାହାରି ନିକଟରେ ଆପଣାକୁ ବିକେ; ତେବେ ସେହି ବିକ୍ରୟ ଉତ୍ତାରେ ତାହାର ମୁକ୍ତି ହୋଇପାରିବ; ତାହାର ଜ୍ଞାତି ମଧ୍ୟରୁ କେହି ତାହାକୁ ମୁକ୍ତ କରି ପାରିବ । କିଅବା ତାହାର ପିତୃବ୍ୟ କି ପିତୃବ୍ୟପୁତ୍ର ତାହାକୁ ମୁକ୍ତ କରିପାରିବ, ଅବା ତାହାର ବଂଶଜାତ ନିକଟବର୍ତ୍ତୀ କୌଣସି ଜ୍ଞାତି ତାହାକୁ ମୁକ୍ତ କରି ପାରିବ । ଅବା ଯେବେ ତାହାର ହସ୍ତ ଧନରେ ବୃଦ୍ଧି ପାଏ, ତେବେ ସେ ଆପଣାକୁ ମୁକ୍ତ କରି ପାରିବ । ତହିଁରେ ତାହାର ବିକ୍ରୟ-ବର୍ଷଠାରୁ ଯୋବେଲ୍-ବର୍ଷ ପର୍ଯ୍ୟନ୍ତ ସେ କ୍ରୟକର୍ତ୍ତା ସହିତ ଗଣନା କରିବ, ପୁଣି ବିକ୍ରୟ ବଂଶର ସଂଖ୍ୟାଅନୁସାରେ ତାହାର ମୂଲ୍ୟ ହେବ; ବର୍ତ୍ତନଜୀବୀର ଦିନ ତୁଲ୍ୟ ତାହାର ଦାସତ୍ୱ-କାଳ ହେବ" (ଲେବୀ ୨୫:୪୭-୫୦) ।

ମୁକ୍ତିକର୍ତ୍ତା-ଜ୍ଞାତିର ଭୂମିକା ବିଷୟ ପରବର୍ତ୍ତୀ ସମୟରେ ଇଶ୍ରାଏଲ ନିମନ୍ତେ ଏକ ବିଧି ହୋଇ ରହିଲା । ଲେବୀ ୨୫:୪୭-୫୦ରେ ଏବିଷୟରେ ସବିଶେଷ ଭାବରେ କୁହାଯାଇଛି । ଜଣେ ଗରିବ ଲୋକ ନିଜକୁ ଅନ୍ୟ ଜଣେ ଇଶ୍ରାଏଲୀୟ ନିକଟରେ ବିକ୍ରି କରିପାରିବ (ଲେବୀ ୨୫:୩୯) ବା ଇଶ୍ରାଏଲ ଦେଶରେ ବାସ କରୁଥିବା କୌଣସି ବିଦେଶୀ ବା ପ୍ରବାସୀ ନିକଟରେ ନିଜକୁ ବିକ୍ରି କରିପାରିବ (ଲେବୀ ୨୫:୪୭) । ତେବେ ତାକୁ "ମୁକ୍ତ" କରିବାର ଦାୟିତ୍ୱ ତା'ର ଭ୍ରାତା, ତାହାର ଜ୍ଞାତି ମଧ୍ୟରୁ କେହି, କିଅବା ତାହାର ପିତୃବ୍ୟ ଓ ପିତୃବ୍ୟ ପୁତ୍ର ଉପରେ ନ୍ୟସ୍ତ ଅଟେ (ଲେବୀ ୨୫:୨୫,୪୮,୪୯) । ସେହି ଦରିଦ୍ର ବ୍ୟକ୍ତିକୁ ମୁକ୍ତ କରିଥିବା ଜ୍ଞାତିକୁ ମୁକ୍ତିକର୍ତ୍ତା-ଜ୍ଞାତି କୁହଯାଏ (ରତ ୨:୨୦) । ଦ୍ୱି.ବିବ ୧୯:୬ରେ ଏହି ମୁକ୍ତିକର୍ତ୍ତାଙ୍କୁ "ରକ୍ତର ପ୍ରତିହନ୍ତା" କୁହାଯାଇଛି, କାରଣ ସେ ତା'ର ଜ୍ଞାତିର ହତ୍ୟାକାରୀକୁ ବଧ କରିପାରିବ ।

ଆୟୁବ କହିଲେ: "ମୋର ମୁକ୍ତିକର୍ତ୍ତା (ମୁକ୍ତିକର୍ତ୍ତା-ଜ୍ଞାତି) ଜୀବିତ ଅଟନ୍ତି । ଈଶ୍ୱର ଯେତେବେଳେ ମନୁଷ୍ୟକୁ ସୃଷ୍ଟି କଲେ, ସେ ତାକୁ ଆପଣା ପରିବାରର ସଦସ୍ୟ କରି ସୃଷ୍ଟି କଲେ (ଲୂକ ୩:୩୮) । ମନୁଷ୍ୟ ଈଶ୍ୱରଙ୍କ ପରିବାରର ସଦସ୍ୟ । ପାପ ଯୋଗୁଁ, ମନୁଷ୍ୟ

ଶୟତାନର ବନ୍ଧନ ମଧ୍ୟରେ ରହିବା ନିମନ୍ତେ ନିଜକୁ ବିକ୍ରୟ କରିଦେଲା । ଯୀଶୁ ଆସିଲେ ଓ ଆମ ପରି ରକ୍ତମାଂସର ସହଭାଗୀ ହେଲେ ଏବଂ ସମସ୍ତ ବିଷୟରେ ଆପଣା ଭ୍ରାତାମାନଙ୍କ ସଦୃଶ ହେଲେ (ଏବ୍ରୀ ୨:୧୪,୧୭) । ସେ ଆମର ମୁକ୍ତିକର୍ତ୍ତା-ଜ୍ଞାତି ହେଲେ । ସେ କ୍ରୁଶରେ ପ୍ରାଣ ଦେଲେ । ତାଙ୍କର ଜୀବନ ମୁକ୍ତିର ମୂଲ୍ୟ ଥିଲା । ତଦ୍ୱାରା ସେ ଆମର ସ୍ୱାଧୀନତାକୁ କିଣିଲେ । ଯେପରି ସେ ଅନେକ ଭ୍ରାତାଙ୍କ ମଧ୍ୟରେ ଅଗ୍ରଜ ହୁଅନ୍ତି ସେଥିପାଇଁ ସେ ପୁନରୁତ୍‌ଥିତ ହେଲେ (ରୋମୀ ୮:୨୯) । ସେ ଆଜି ଜୀବିତ । ଆମର ମୁକ୍ତିକର୍ତ୍ତା-ଜ୍ଞାତି ଜୀବିତ !

**ଧ୍ୟାନ ନିମନ୍ତେ ପ୍ରଶ୍ନ**

୧. ଈଶ୍ୱର ଯେ ମୁକ୍ତିକର୍ତ୍ତା ଅଟନ୍ତି ଏହି ଜ୍ଞାନ ଆୟୁବ ଓ ଇଲୀହୂ କେଉଁ ସୂତ୍ରରୁ ପାଇଥିବେ ବୋଲି ଆମେ କହିବା ?

୨. "ମୁକ୍ତିର ମୂଲ୍ୟଜନିତ ସାତୋଟି ଆଶୀର୍ବାଦ" ସମ୍ପର୍କିତ ନୂତନ ନିୟମର ଶାସ୍ତ୍ରୀୟ ଉଲ୍ଲେଖଗୁଡ଼ିକ ବାହାର କରନ୍ତୁ, ଯାହା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମେ ପାଇଛୁ ।

୩. ଯୀଶୁ ଆମର "ମୁକ୍ତିକର୍ତ୍ତା-ଜ୍ଞାତି" ଅଟନ୍ତି- ଆଲୋଚନା କରନ୍ତୁ ।

# ୨
# ଆମର ମୁକ୍ତି

ବାଇବଲ କହେ, "ସମସ୍ତ ଜଗତ ପାପାତ୍ମାର ଅଧୀନ" (୧ଯୋହନ ୫:୧୯)। ଆମେ ଯେଉଁ ପରିବେଶ ମଧ୍ୟରେ ବାସ କରୁ ତାହା ଅନ୍ଧକାରର ଶକ୍ତିସମୂହ ଅର୍ଥାତ୍ ଶୟତାନ ଓ ତା'ର ଦୁଷ୍ଟାତ୍ମାମାନଙ୍କ ପ୍ରଭାବ ମଧ୍ୟରେ ରହିଛି । ଅନ୍ଧକାରର କାର୍ଯ୍ୟସବୁ ଆମ ଚାରିଆଡ଼େ ବିଭିନ୍ନ ରୂପରେ ପ୍ରକାଶିତ ହେଉଛି, ଯେପରି ପାପ, ରୋଗ, ବିନାଶ, ଦାରିଦ୍ର୍ୟ, ଦୁର୍ନୀତି, ଇତ୍ୟାଦି ଆକାରରେ । ପୃଥିବୀର ଯେଉଁ ସ୍ଥାନରେ ଆମେ ବାସ କରିପାରୁ ଓ ଯେକୌଣସି ବୃତ୍ତି ଅବଲମ୍ବନ କରିପାରୁ- ଯେପରି ପ୍ରଭୁଙ୍କ ସେବକ, ଡାକ୍ତର, ବ୍ୟବସାୟୀ, ଗୃହ ପରିଚାଳକ, ସ୍କୁଲ ଶିକ୍ଷକ, ଛାତ୍ର, ଇତ୍ୟାଦି- ଆମେ ନିଶ୍ଚେ ପ୍ରତିଦିନ ଶୟତାନର କାର୍ଯ୍ୟସବୁର ସାମ୍ନା କରିଥାଉ । ଶୟତାନ ଓ ତା'ର ଦଳ ଲୋକମାନଙ୍କୁ ଓ ଜଗତର ଘଟଣାବଳୀକୁ ପ୍ରଭାବିତ କରନ୍ତି, ନିୟନ୍ତ୍ରଣ କରନ୍ତି ଓ ସେମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରନ୍ତି । ଏହି ଦୃଷ୍ଟିରୁ ବାଇବଲ ଏକ ଶକ୍ତିଶାଳୀ ସତ୍ୟ ପ୍ରକାଶ କରେ । ବାଇବଲ ଶିକ୍ଷାଦିଏ ଯେ, ଯେତେଜଣ ଖ୍ରୀଷ୍ଟଯୀଶୁଙ୍କଠାରେ ବିଶ୍ୱାସ କରି ଉଦ୍ଧାର ପ୍ରାପ୍ତ ହୋଇଛନ୍ତି ସେମାନେ ଶୟତାନର କର୍ତ୍ତୃତ୍ୱରୁ ମୁକ୍ତ ହୋଇଛନ୍ତି । ପ୍ରତ୍ୟେକ ବିଶ୍ୱାସୀ ଶୟତାନର କାର୍ଯ୍ୟସବୁ ଉପରେ ବିଜୟୀ ଜୀବନ ଯାପନ କରିବା ସମ୍ଭବପର । "ଖ୍ରୀଷ୍ଟଙ୍କଠାରେ" ଥିବା ଯେ କୌଣସି ବ୍ୟକ୍ତି ଶୟତାନର ଅଧୀନରେ ରହି ଜୀବନଯାପନ କରିବା ଅନାବଶ୍ୟକ ।

ଗୋଟିଏ ପକ୍ଷରେ ଖ୍ରୀଷ୍ଟଙ୍କ ଶରୀରର ସଦସ୍ୟ ହୋଇଥିବା ଅଧିକାଂଶ ଲୋକମାନେ ଏହି ସତ୍ୟକୁ ଶୁଣି ନାହାନ୍ତି । ସାରା ପୃଥିବୀର ବିଭିନ୍ନ ମଣ୍ଡଳୀର ଅଧିକାଂଶ ବିଶ୍ୱାସୀଙ୍କୁ କେବେହେଲେ କୁହାଯାଇନାହିଁ ଯେ ସେମାନେ ବିଜୟୀ ଜୀବନ ଯାପନ କରିପାରିବେ । ଶୟତାନର କାର୍ଯ୍ୟସବୁର ଅଧୀନରେ ରହିବା ଯେ ଅନାବଶ୍ୟକ ଏହି ଶିକ୍ଷା ସେମାନଙ୍କୁ କେବେ ଦିଆଯାଇନାହିଁ । ଶୟତାନର କାର୍ଯ୍ୟସବୁକୁ ପ୍ରତିବାଧା ଦେଇ ସେସବୁ ଉପରେ ବିଜୟୀ ହେବା ନିମନ୍ତେ କିପରି ଜୀବନ ଯାପନ କରିବା ଆବଶ୍ୟକ ସେବିଷୟରେ ସେମାନେ ଶିକ୍ଷା ପାଇନାହାନ୍ତି । ଅନ୍ୟ ପକ୍ଷରେ, ଖ୍ରୀଷ୍ଟଙ୍କ ଶରୀରର ଅନେକ ସଦସ୍ୟ ମଧ୍ୟ ଅଛନ୍ତି ଯେଉଁମାନେ ଏସମସ୍ତ ସତ୍ୟ ଶୁଣିଛନ୍ତି- ଟେପ୍‌କୁ ଶୁଣନ୍ତି, ଖ୍ରୀଷ୍ଟୀୟ ପୁସ୍ତକସବୁ ପଢ଼ନ୍ତି, ସଭାସମିତିରେ ଯୋଗ ଦିଅନ୍ତି, ଏପରିକି "ପ୍ରକାଶନ ପାଇଛନ୍ତି", ତଥାପି ସେମାନେ ଏହି ସତ୍ୟସବୁକୁ ସେମାନଙ୍କ ଦୈନିକ ଅନୁଭୂତି ହେବାପାଇଁ ସୁସଙ୍ଗତ ଭାବେ ପରିବର୍ତ୍ତିତ

କରିନାହାନ୍ତି । ଆମର ବିଶ୍ୱାସ ଏହି ଯେ ତାଙ୍କର ଲୋକମାନେ ସତ୍ୟ ଜ୍ଞାତ ହେଉନ୍ତୁ ବୋଲି ଈଶ୍ୱର ଚାହାନ୍ତି । ସେ ଚାହାନ୍ତି ଯେ ତାହାଙ୍କ ଲୋକମାନଙ୍କୁ ତାହାଙ୍କ ବାକ୍ୟର ସତ୍ୟସବୁରେ ଶିକ୍ଷିତ କରାଯାଉ । ଆମେ ମଧ୍ୟ ବିଶ୍ୱାସ କରୁ ଯେ ଧର୍ମଶାସ୍ତ୍ରର ପ୍ରତ୍ୟେକ ସତ୍ୟର ଆମ ଜୀବନ ଉପରେ ପ୍ରଭାବ ଥାଏ । ଧର୍ମଶାସ୍ତ୍ରରେ ଦିଆଯାଇଥିବା ସତ୍ୟସମୂହକୁ ନେଇ କେବଳ ପ୍ରଚାର କରିବା, ଶିକ୍ଷା ଦେବା ଓ ଲେଖାଲେଖି କରିବା ଯଥେଷ୍ଟ ନୁହେଁ । ସେସବୁ ଆମ ଦୈନିକ ଅନୁଭୂତିସବୁର ଅଂଶବିଶେଷ ହେବାପାଇଁ ଅଭିପ୍ରେତ ।

ଏହି ଅଧ୍ୟାୟରେ ପାପାତ୍ମାର ନିୟନ୍ତ୍ରଣରୁ ଆମର ସ୍ୱାଧୀନତା ସମ୍ବନ୍ଧରେ ଆମେ ଜାଣିବା ଏବଂ ଏହି ବିଷୟ କିପରି ଆମର ଦୈନନ୍ଦିନ ଜୀବନର ଅନୁଭୂତି ହେବ ତାହା ଶିକ୍ଷା କରିବା ।

### ମୁକ୍ତିପ୍ରାପ୍ତ ହେବାର ଅର୍ଥ କ'ଣ ?

"ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି; ତାହାଙ୍କଠାରେ ଆମ୍ଭେମାନେ ମୁକ୍ତି, ଅର୍ଥାତ୍ ପାପକ୍ଷମା ପାଇଅଛୁ" (କଲସୀ ୧:୧୩-୧୪) ।

କଲସୀ ୧:୧୩ ପ୍ରକାଶ କରେ ଯେ ଈଶ୍ୱର ଆମକୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ତାଙ୍କର ପୁତ୍ର ଯୀଶୁଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତରିତ କରିଛନ୍ତି, ଯେଉଁଠାରେ ଆମେ ସମ୍ପୂର୍ଣ୍ଣ ସ୍ୱାଧୀନତା ବା ମୁକ୍ତି ଉପଭୋଗ କରିପାରୁ । ଯେଉଁ ମୁହୂର୍ତ୍ତରେ ଆମେ ଯୀଶୁଙ୍କଠାରେ ବିଶ୍ୱାସ କରି ଉଦ୍ଧାରପ୍ରାପ୍ତ ହେଉ, ଆମେ ଶୟତାନର ନିୟନ୍ତ୍ରଣ ଓ ଅଧିକାରରୁ ମୁକ୍ତ ହେଉ । ଆମେମାନେ ଖ୍ରୀଷ୍ଟଙ୍କଠାରେ ଥିବାରୁ, ଆମ ଉପରେ ଶୟତାନର ଆଉ ଦାବି ନ ଥାଏ ବା ଆମ ଉପରେ କ୍ଷମତା ଜାହିର୍ କରିବା ପାଇଁ ତା'ର ଅଧିକାର ଆଉ ନ ଥାଏ । ଏହା "ଦୀପ୍ତିରେ ସାଧୁମାନଙ୍କ ଅଧିକାରର" ଏକ ଅଂଶ, ଯାହାର ଆମେ ସହଭାଗୀ ହୋଇପାରିବା (କଲସୀ ୧:୧୨) । ଜଣେ ଖ୍ରୀଷ୍ଟବିଶ୍ୱାସୀ ଶୟତାନ ଓ ପ୍ରେତାତ୍ମାମାନଙ୍କ କାର୍ଯ୍ୟଦ୍ୱାରା ଅତ୍ୟାଚାରିତ ହେବା ଓ ସେମାନଙ୍କର ବନ୍ଧନ ମଧ୍ୟରେ ରହିବାର ଆବଶ୍ୟକତା ଆଉ ନାହିଁ । କଲସୀ ୧:୧୪ ଏହି ଚିନ୍ତାଧାରା ପ୍ରକାଶ ପାଇଛି ଯେ ଖ୍ରୀଷ୍ଟରେ "ଆମେମାନେ ମୁକ୍ତି" ପାଇଅଛୁ ।

ନୂତନ ନିୟମରେ ବ୍ୟବହୃତ ଶବ୍ଦ "ମୁକ୍ତି" ସମ୍ପର୍କରେ ଦୁଇଟି ଗ୍ରୀକ୍ ପ୍ରତିଶବ୍ଦ ରହିଛି । Agoridzo (୧କରିନ୍ଥୀ ୬:୨୦; ୭:୨୩; ପ୍ରକା ୫:୯ରେ ବ୍ୟବହୃତ) ଓ ଏହାର ବ୍ୟୁତ୍ପନ୍ନ ଶବ୍ଦ Exagoridzo (ଗାଲାତୀ ୩:୧୩; ୪:୪,୫ରେ ବ୍ୟବହୃତ) ଏକ କ୍ରୀତଦାସ ବଜାରର ଚିତ୍ର ପ୍ରକାଶ କରେ, ଯହିଁରେ ଜଣେ କ୍ରୀତଦାସକୁ ମୁକ୍ତ କରିବାକୁ

ହେଲେ ତାକୁ ମୂଲ୍ୟ ଦେଇ କିଣିବାକୁ ହୁଏ । ଅନ୍ୟ ଶବ୍ଦ Lutro (ତୀତସ ୨:୧୪ ଓ ୧ପିତର ୧:୧୮ରେ ବ୍ୟବହୃତ) ଓ ଏହାର ବ୍ୟୁତ୍ପନ୍ନ ଶବ୍ଦ Apolutrosis (ଏଫିସୀ ୧:୭ ଓ କଲସୀ ୧:୧୪ରେ ବ୍ୟବହୃତ) ମୁକ୍ତିର ମୂଲ୍ୟ ଦେଇ ଜଣେ ବନ୍ଦୀକୁ ମୁକ୍ତ କରି ତାକୁ ପୂର୍ବାବସ୍ଥାରେ ସ୍ଥାପିତ କରିବାକୁ ବୁଝାଏ ।

ମୁକ୍ତି ସମ୍ପର୍କିତ ଚିନ୍ତାଧାରା ନିମ୍ନ ବିଷୟକୁ ପ୍ରକାଶ କରେ:

- ଦିନେ ଆମେ ବନ୍ଧନ ମଧ୍ୟରେ ଥିଲୁ ଓ ସେଥିରୁ ନିଜକୁ ମୁକୁଳାଇ ପାରୁ ନ ଥିଲୁ ।
- ଆମର ମୁକ୍ତି ନିମନ୍ତେ ଏକ ମୂଲ୍ୟ ଦିଆଗଲା ।
- ଆମେ ବର୍ତ୍ତମାନ 'ବୈଧ ଭାବରେ' ମୁକ୍ତ କରାଯାଇଛୁ ଏବଂ ଆମର ପୂର୍ବ ମାଲିକ ଆମ ଜୀବନ ଉପରେ ଆଉ ଦାବି କରି ପାରିବ ନାହିଁ ।

ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପ୍ରଥମ ନରନାରୀ, ଆଦମ ଓ ହବାଙ୍କୁ, ପୃଥିବୀର ମାଲିକାନା ଦିଆଯାଇଥିଲା । ଈଶ୍ୱର ସେମାନଙ୍କୁ କହିଥିଲେ ଯେ ସେମାନେ ପୃଥିବୀକୁ ବଶୀଭୂତ କରିବେ ସେ ପ୍ରାଣୀଜଗତ ଉପରେ କର୍ତ୍ତୃତ୍ୱ କରିବେ (ଆଦି ୧:୨୬-୨୮) । ନିଶ୍ଚିତରୂପେ ଈଶ୍ୱରଙ୍କର ଉଦ୍ଦେଶ୍ୟ ଥିଲା ଯେ ସେମାନଙ୍କ ବଂଶଧର ମଧ୍ୟ ସେହି ଅଧିକାର ସାବ୍ୟସ୍ତ କରିବେ । ତେବେ, ପୁରାତନ ସର୍ପ ଯେ ଶୟତାନ, ସେମାନଙ୍କୁ ପ୍ରବଞ୍ଚିତ କରି ଆଦମ ଓ ହବାଙ୍କୁ ଦିଆଯାଇଥିବା ଅଧିକାରକୁ ଜବରଦଖଲ କରିନେଲା । ସେମାନେ ଶୟତାନର ସ୍ୱରକୁ ମାନିଲେ ଓ ତା'ର କର୍ତ୍ତୃତ୍ୱ ଅଧୀନରେ ନିଜକୁ ରଖିଲେ । ବର୍ତ୍ତମାନ ମନୁଷ୍ୟକୁ ଦିଆଯାଇଥିବା ଅଧିକାର ଶୟତାନକୁ ସ୍ଥାନାନ୍ତରିତ ହେଲା । ତେଣୁ ଧର୍ମଶାସ୍ତ୍ରର ବିଭିନ୍ନ ସ୍ଥାନରେ ଶୟତାନକୁ "ଜଗତ୍‌ପତି" (୨କରିନ୍ଥୀ ୪:୪) ଓ "ଆକାଶମଣ୍ଡଳ ରାଜ୍ୟର ଅଧିପତି" (ଏଫିସୀ ୨:୧) କୁହାଯାଇଛି । ଯୀଶୁ ମଧ୍ୟ ଶୟତାନକୁ "ଜଗତର ଅଧିପତି" (ଯୋହନ ୧୨:୩୧; ୧୪:୩୦) କହିଥିଲେ । ପ୍ରାନ୍ତରରେ ଯୀଶୁ ପରୀକ୍ଷିତ ହେବା ବିଷୟକୁ ବର୍ଣ୍ଣନା କରି ବାଇବଲରେ ଲେଖାଯାଏ-

"ଆଉ, ସେ ତାହାଙ୍କୁ ଉପରକୁ ଘେନିଯାଇ ଏକ ମୁହୂର୍ତ୍ତ ମଧ୍ୟରେ ପୃଥିବୀର ସମସ୍ତ ରାଜ୍ୟ ତାହାଙ୍କୁ ଦେଖାଇଲା । ପୁଣି, ଶୟତାନ ତାହାଙ୍କୁ କହିଲା, ଆମ୍ଭେ ତୁମ୍ଭକୁ ଏସମସ୍ତ ଅଧିକାର ଓ ଏସବୁର ଐଶ୍ୱର୍ଯ୍ୟ ଦେବା, କାରଣ ଆମକୁ ତାହା ସମର୍ପିତ ହୋଇଅଛି, ଆଉ ଆମ୍ଭେ ଯାହାକୁ ଇଚ୍ଛା, ତାହାକୁ ତାହା ଦେଉ" (ଲୂକ ୪:୫-୭) ।

ଶୟତାନ ଯେ ଜଗତର ଅଧିପତି ଯୀଶୁ ଏହା ଖଣ୍ଡନ କରି ନ ଥିଲେ ।

ଶୟତାନ ଜଗତର ମାଲିକାନା ହାସଲ କଲାପରେ ମନୁଷ୍ୟ ଜାତିକୁ ତା'ର କର୍ତ୍ତୃତ୍ୱ ମଧ୍ୟରେ ରଖିଲା । ସେ ଲୋକମାନଙ୍କ ଉପରେ ଅତ୍ୟାଚାର କଲା ଓ ଜଗତକୁ ତା'ର ଦୁଷ୍ଟତାରେ ପରିପୂର୍ଣ୍ଣ କଲା । ପାପ, ରୋଗ ଓ ଅନ୍ୟାନ୍ୟ ମନ୍ଦ ବିଷୟ, ଯଦ୍ଦ୍ୱାରା ପୃଥିବୀ ପରପୂର୍ଣ୍ଣ ହେଲା ସେସବୁ ଈଶ୍ୱରଙ୍କର ମୂଳ ପରିକଳ୍ପନାରେ ନ ଥିଲା । ଏକ ଶିକ୍ଷିତ ମନକୁ ଅବଶ୍ୟ ଏହା ଅଯୌକ୍ତିକ ମନେ ହେବ ଯେ ଅସୁସ୍ଥତା ଶୟତାନର ଏକ କାର୍ଯ୍ୟ (ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ନୁହେଁ; ଦୁର୍ଘଟଣା ବା ଅବହେଳା/ ଅସଦ୍ ବ୍ୟବହାର, ଇତ୍ୟାଦି ମଧ୍ୟ ଏଥିର କାରଣ) । ଯୀଶୁଙ୍କ ପାର୍ଥିବ ସେବାକାର୍ଯ୍ୟ ସମ୍ପର୍କରେ ବାଇବଲରେ କୁହାଯାଏ, "ସେ ମଙ୍ଗଳ ସାଧନ କରୁ କରୁ ଓ ଶୟତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁକରୁ ସର୍ବତ୍ର ଭ୍ରମଣ କଲେ" (ପ୍ରେରିତ ୧୦:୩୮ଖ) । ଜଣେ କୁବ୍ଜା ସ୍ତ୍ରୀଲୋକ ଯେ କି ଆପଣାକୁ ସଳଖ କରି ପାରୁ ନ ଥିଲା, ତାକୁ ସୁସ୍ଥ କରିବା ସମୟରେ ଯୀଶୁ କହିଥିଲେ ଯେ ସେ "ଶୟତାନ ଦ୍ୱାରା ଆବଦ୍ଧ" ଥିଲା (ଲୂକ ୧୨:୧୬) ।

ମନୁଷ୍ୟକୁ ଶୟତାନର କର୍ତ୍ତୃତ୍ୱରୁ ଓ ତା'ର ଆତ୍ୟାଚାରରୁ ଉଦ୍ଧାର କରିବା ପାଇଁ ଯୀଶୁ ଆସିଥିଲେ । ବାଇବଲ କହେ, "ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ" (୧ଯୋହନ ୩:୮) । ମୁକ୍ତିର କାର୍ଯ୍ୟ ସାଧନ କଲାବେଳେ ଯୀଶୁ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ । ଶୟତାନର ବନ୍ଧନରୁ ଆମେ ବାହାରି ଆସିବା ସେ ସମ୍ଭବପର କରିଥିଲେ । ସେ ଆମମାନଙ୍କୁ ଶୟତାନର ଅଧିକାର ଓ ନିୟନ୍ତ୍ରଣରୁ ମୁକ୍ତ କଲେ । ଶୟତାନର ଅତ୍ୟାଚାରରୁ ସେ ଆମମାନଙ୍କୁ ମୁକ୍ତ କଲେ ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଜଣେ ମୁକ୍ତିପ୍ରାପ୍ତ ବ୍ୟକ୍ତି । ଏହାର ଅର୍ଥ ଆମେ ଶୟତାନର ବନ୍ଧନରୁ ମୁକ୍ତ କରାଯାଇଛୁ । ଶୟତାନ ବୈଧାନିକରୂପେ ତା'ର ମନ୍ଦ କାର୍ଯ୍ୟସବୁ ଦ୍ୱାରା ଜଣେ ବିଶ୍ୱାସୀକୁ ଅତ୍ୟାଚାର କରିପାରିବ ନାହିଁ । ଦିନେ ଆମେ ବନ୍ଧନ ମଧ୍ୟରେ ଥିଲୁ, ଏବେ ସେଥିରୁ ମୁକ୍ତିପାଇଛୁ । ଦିନେ ଆମେ ଅନ୍ଧକାର ରାଜ୍ୟରେ ଥିଲୁ, ଏବେ ଦୀପ୍ତି ରାଜ୍ୟରେ ଅଛୁ ।

ଆମର ମୁକ୍ତି ଏକ ବର୍ତ୍ତମାନକାଳୀନ ବାସ୍ତବତା । ଭବିଷ୍ୟତରେ ଶୟତାନର କର୍ତ୍ତୃତ୍ୱରୁ ମୁକ୍ତ ହେବା ବୋଲି ଆମେ ଆଶା କରିବା ଅଯଥାର୍ଥ । ମୁକ୍ତିର ମୂଲ୍ୟ ଦିଆଯାଇଛି । ଆମକୁ ମୁକ୍ତ କରାଯାଇଛି । ଏଠାରେ ଓ ଏବେ, ଆମ ଜୀବନର ଯାତ୍ରା ପଥରେ, ଖ୍ରୀଷ୍ଟଙ୍କଠାରେ ଆମେ ମୁକ୍ତିର ଆଶୀର୍ବାଦସମୂହ ଲାଭ କରିପାରୁ । ଶତ୍ରୁ ଯଦି ତା'ର କାର୍ଯ୍ୟସବୁ ଦ୍ୱାରା, ଅର୍ଥାତ୍ ପାପଯୁକ୍ତ ବନ୍ଧନ, ଅସୁସ୍ଥତା, ଅଭାବ, ବିରୋଧ, ଇତ୍ୟାଦି ଦ୍ୱାରା ଆମକୁ ଆକ୍ରମଣ କରିବାକୁ ଚେଷ୍ଟା କରେ, ଆମେ ଆମର ମୁକ୍ତିକୁ ଦାବି କରିବା ଓ ଅନ୍ଧକାରର କାର୍ଯ୍ୟସବୁର ପ୍ରତିବାଧା କରିବା ।

ମୁକ୍ତି, ପରମାର୍ଥ ଅଧ୍ୟୟନରେ କେବଳ ଏକ ଚିତ୍ତାକର୍ଷକ ପ୍ରସଙ୍ଗ ନୁହେଁ, ବରଂ ଏହି ସତ୍ୟକୁ ଈଶ୍ୱରଙ୍କ ପ୍ରତ୍ୟେକ ସନ୍ତାନ ଅନୁଭବ କରିପାରିବେ । ଶୟତାନର କାର୍ଯ୍ୟସବୁ ଯେ କୌଣସି ସ୍ଥାନରେ ଆମେ ସାମ୍ନା କଲେ ବି ସେସବୁକୁ ଆମେ ପ୍ରତିହତ କରିପାରିବା- ଗୃହରେ, ପାରିବାରିକ ସମ୍ପର୍କସମୂହରେ, ଆର୍ଥିକ କ୍ଷେତ୍ରରେ, ଆମର କ୍ୟାରିଅର୍‌ରେ, ବିପଦରୁ ରକ୍ଷା ପାଇବାରେ, ବନ୍ଦ ଦ୍ୱାରକୁ ଖୋଲିବାରେ, ଖ୍ରୀଷ୍ଟଙ୍କ ସଦୃଶ୍ୟ ଚରିତ୍ର ବିକଶିତ କରିବାରେ, ଅନ୍ୟମାନଙ୍କ ଅଭାବ ପୂରଣ କରିବାରେ, ରାଜ୍ୟ ସମ୍ବନ୍ଧିତ ସାହସିକ କାର୍ଯ୍ୟରେ, ଇତ୍ୟାଦିରେ ଆମେ ଖ୍ରୀଷ୍ଟଙ୍କଠାରେ ସାଧିତ ମୁକ୍ତିର ଲାଭ ଉଠାଇ ପାରିବା ।

## ପୁରାତନ ନିୟମର ଏକ ପ୍ରତୀକାତ୍ମକ ଉଦାହରଣ

"ସେତେବେଳେ ସଦାପ୍ରଭୁ ମୋଶାଙ୍କୁ କହିଲେ, ଆମ୍ଭେ ଫାରୋ ପ୍ରତି ଯାହା କରିବା, ତାହା ତୁମ୍ଭେ ଏବେ ଦେଖିବ; କାରଣ ବାହୁ ବଳ ପ୍ରକାଶିତ ହେଲେ, ସେ ଲୋକମାନଙ୍କୁ ଛାଡ଼ି ଦେବ ଓ ବାହୁ ବଳ ପ୍ରକାଶିତ ହେଲେ, ଆପଣା ଦେଶରୁ ସେମାନଙ୍କୁ ତଡ଼ିଦେବ । ପରମେଶ୍ୱର ମୋଶାଙ୍କ ସହିତ ଆଳାପ କରି ଆହୁରି କହିଲେ, ଆମ୍ଭେ ଯିହୋବାଃ (ସଦାପ୍ରଭୁ); ଆମ୍ଭେ ଅବ୍ରହାମ୍, ଇସ୍‌ହାକ ଓ ଯାକୁବଙ୍କୁ ସର୍ବଶକ୍ତିମାନ ପରମେଶ୍ୱର ବୋଲି ଦର୍ଶନ ଦେଇଥିଲୁ, ମାତ୍ର ଆମ୍ଭେ ଆପଣା ଯିହୋବାଃ ନାମରେ ସେମାନଙ୍କୁ ପରିଚୟ ଦେଇ ନ ଥିଲୁ । ପୁଣି କିଣାନ ଦେଶ, ଅର୍ଥାତ୍, ଯହିଁରେ ସେମାନେ ପ୍ରବାସ କଲେ, ସେହି ପ୍ରବାସ-ଦେଶ ମଧ୍ୟ ସେମାନଙ୍କୁ ଦେବା ବୋଲି ସେମାନଙ୍କ ସହିତ ନିୟମ ସ୍ଥିର କରିଥିଲୁ । ଏବେ ମିସ୍ରୀୟମାନେ ଯେଉଁମାନଙ୍କୁ ଦାସତ୍ୱରେ ରଖିଅଛନ୍ତି, ସେହି ଇସ୍ରାଏଲ-ସନ୍ତାନଗଣର ଆର୍ତ୍ତନାଦ ଶୁଣି ଆମ୍ଭେ ଆପଣାର ସେହି ନିୟମ ସ୍ମରଣ କରିଅଛୁ । ଏନିମନ୍ତେ ଇସ୍ରାଏଲ-ସନ୍ତାନଗଣକୁ କୁହ, ଆମ୍ଭେ ସଦାପ୍ରଭୁ, ଆମ୍ଭେ ତୁମ୍ଭମାନଙ୍କୁ ମିସ୍ରୀୟମାନଙ୍କ ଭାରବହନରୁ ନିସ୍ତାର କରିବା ଓ ଆମ୍ଭେ ତୁମ୍ଭମାନଙ୍କୁ ସେମାନଙ୍କ ଦାସତ୍ୱରୁ ମୁକ୍ତ କରିବା, ପୁଣି ଆମ୍ଭେ ବିସ୍ତୀର୍ଣ୍ଣ ବାହୁ ଓ ମହା ମହା ଦଣ୍ଡ ଦ୍ୱାରା ତୁମ୍ଭମାନଙ୍କୁ ଉଦ୍ଧାର କରିବା । ଆମ୍ଭେ ତୁମ୍ଭମାନଙ୍କୁ ଆପଣା ଲୋକରୂପେ ଗ୍ରହଣ କରିବା ଓ ଆମ୍ଭେ ତୁମ୍ଭମାନଙ୍କର ପରମେଶ୍ୱର ହେବା; ତହିଁରେ ମିସ୍ରୀୟମାନଙ୍କ ଭାରବହନରୁ ତୁମ୍ଭମାନଙ୍କର ନିସ୍ତାରକାରୀ ଆମ୍ଭେ ଯେ ତୁମ୍ଭମାନଙ୍କ ପରମେଶ୍ୱର ସଦାପ୍ରଭୁ ଅଟୁ, ତାହା ତୁମ୍ଭେମାନେ ଜାଣିବ । ଆମ୍ଭେ ଅବ୍ରହାମ୍ ଓ ଇସ୍‌ହାକ ଓ ଯାକୁବଙ୍କୁ ଯେଉଁ ଦେଶ ଦେବା ନିମିତ୍ତ ଆପଣା ହସ୍ତ ଉଠାଇଅଛୁ, ସେହି ଦେଶକୁ ଆମ୍ଭେ ତୁମ୍ଭମାନଙ୍କୁ ଘେନିଯିବା; ପୁଣି ଆମ୍ଭେ ଅଧିକାରାର୍ଥେ ତାହା ତୁମ୍ଭମାନଙ୍କୁ ଦେବା; ଆମ୍ଭେ ସଦାପ୍ରଭୁ" (ଯାତ୍ରା ୬:୧-୮) ।

"ପୁଣି ଆମ୍ଭେ ତୁମ୍ଭମାନଙ୍କ ମଧ୍ୟରେ ଗମନାଗମନ କରିବା ଓ ତୁମ୍ଭମାନଙ୍କର ପରମେଶ୍ୱର ହେବା ଓ ତୁମ୍ଭେମାନେ ଆମ୍ଭର ଲୋକ ହେବ । ତୁମ୍ଭେମାନେ ଯେପରି ସେମାନଙ୍କର ଦାସ ନ ହେବ, ଏଥିପାଇଁ ସେ ତୁମ୍ଭମାନଙ୍କୁ ମିସର ଦେଶରୁ ବାହାର କରି ଆଣିଲେ, ସେହି ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଆମ୍ଭେ ଅଟୁ; ଆମ୍ଭେ ତୁମ୍ଭମାନଙ୍କ ଯୁଆଳିର ଯୋତ ଭାଙ୍ଗିଅଛୁ ଓ ତୁମ୍ଭମାନଙ୍କୁ ସିଧା ଚାଲିବାକୁ ଦେଇଅଛୁ" (ଲେବୀ ୨୬:୧୨,୧୩) ।

ପୁରାତନ ନିୟମରେ ତାହାଙ୍କ ଲୋକ ଇଶ୍ରାଏଲ ପ୍ରତି ଈଶ୍ୱର ଯେରୂପ କାରବାର କରିଥିଲେ, ନୂତନ ନିୟମରେ ଖ୍ରୀଷ୍ଟଙ୍କ ଶରୀର ପ୍ରତି ଅନୁରୂପ ସତ୍ୟ ପ୍ରଯୁଜ୍ୟ । ମିଶରର ଦାସତ୍ୱରୁ ଈଶ୍ୱରଙ୍କ ଲୋକମାନେ ଉଦ୍ଧାର ପାଇବା ପରି ଆମେ ଅନ୍ଧକାରର ଶକ୍ତିର କର୍ତ୍ତୃତ୍ୱରୁ ମୁକ୍ତ ହୋଇଛୁ ।

ମିଶରୀୟ ଦାସତ୍ୱରୁ ମୁକ୍ତ ହେବା ସମ୍ପର୍କରେ ଈଶ୍ୱର ଯାହା କହିଛନ୍ତି ସେସବୁକୁ ଆମେ ବିଚାର କରିବା-

- "ଆମ୍ଭେ ତୁମ୍ଭମାନଙ୍କୁ ମିଶର ଦେଶରୁ ବାହାର କରି ଆଣିଲୁ" ।
- "ତୁମ୍ଭେମାନେ ସେମାନଙ୍କର ଦାସ ହେବ ନାହିଁ" ।
- "ଆମ୍ଭେ ତୁମ୍ଭମାନଙ୍କ ଯୁଆଳିର ଯୋତ ଭାଙ୍ଗିଅଛୁ" ।
- "ଆମ୍ଭେ ତୁମ୍ଭମାନଙ୍କର ପରମେଶ୍ୱର ହେବା ଓ ତୁମ୍ଭେମାନେ ଆମ୍ଭର ଲୋକ ହେବ" ।
- "ଆମ୍ଭେ ତୁମ୍ଭମାନଙ୍କୁ ସିଧା ଚାଲିବାକୁ ଦେଇଅଛୁ" ।

ଉପରୋକ୍ତ ପର୍ଯ୍ୟବେକ୍ଷଣସବୁକୁ ଆମେ ଆମମାନଙ୍କ ଜୀବନରେ ପ୍ରୟୋଗ କରିବା ।

- ଈଶ୍ୱର ଆମମାନଙ୍କୁ ମିଶରରୁ ବାହାର କରି ଆଣିଛନ୍ତି, ଅର୍ଥାତ୍ ସେ ଆମକୁ ଶୟତାନ ଓ ତା'ର ପ୍ରେତାତ୍ମାମାନଙ୍କ ନିୟନ୍ତ୍ରଣ ଓ କର୍ତ୍ତୃତ୍ୱରୁ ବାହାର କରି ଆଣିଛନ୍ତି ।
- ଆମେମାନେ ଆଉ ଶୟତାନର ଦାସ ହେବା ନାହିଁ ।
- ଯୁଆଳି (ବା ବନ୍ଧନ) ଯାହା ଶୟତାନ ଆମ ଉପରେ ଥୋଇଥିଲା ତାହା ଭାଙ୍ଗି ଯାଇଛି- ଈଶ୍ୱର ତାହା ଭାଙ୍ଗି ଦେଇଛନ୍ତି । ଈଶ୍ୱର ଆମକୁ ତାହାଙ୍କର ଲୋକ କରିଛନ୍ତି । ଆମେମାନେ ଏବେ ତାହାଙ୍କ ପ୍ରିୟପୁତ୍ରଙ୍କ ରାଜ୍ୟରେ ରହିଛୁ । ବର୍ତ୍ତମାନ ସେ ଆମର ଈଶ୍ୱର ।
- ବର୍ତ୍ତମାନ ଆମେ ମୁଣ୍ଡ ଉଠାଇ ଚାଲିପାରିବା । ଏହାର ଅର୍ଥ ଆମେ ମୁକ୍ତିର ଆଶୀର୍ବାଦସମୂହକୁ ଉପଯୋଗ କରି ଚାଲିପାରିବା । ଯେଉଁ ଶୟତାନ ଆମ ଉପରେ ଦିନେ ପ୍ରଭୁତ୍ୱ ଜାହିର୍ କରୁଥିଲା ଆମେ ତା' ଉପରେ ଅଧିକାର ସାବ୍ୟସ୍ତ କରିପାରିବା ।

### ଆମ ମୁକ୍ତିର ମୂଲ୍ୟ

"ତାହାଙ୍କ ଅନୁଗ୍ରହରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧସବୁର କ୍ଷମା ପ୍ରାପ୍ତ ହୋଇଅଛୁ" (ଏଫିସୀ ୧:୭)।

"ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାରବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନ ହୋଇ ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛୁ" (୧ପିତର ୧:୧୮,୧୯)

"ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣାଯାଇଅଛ" (୧କରିନ୍ଥୀ ୬:୨୦କ; ୭:୨୩କ)।

ଆମର ମୁକ୍ତିକୁ କ୍ରୟ କରିବା ପାଇଁ ଯେଉଁ ମୂଲ୍ୟ ଦିଆଯାଇଥିଲା ତାହା ଥିଲା ଖ୍ରୀଷ୍ଟଙ୍କର ରକ୍ତ। ପ୍ରାଣୀର ପ୍ରାଣ ତା'ର ରକ୍ତରେ ଥାଏ (ଲେବୀ ୧୭:୧୧)। ତେଣୁ, ଖ୍ରୀଷ୍ଟଙ୍କ ରକ୍ତ ପ୍ରମାଣିତ କରେ ଯେ ଆମର ମୁକ୍ତିକୁ କ୍ରୟ କରିବା ଉଦ୍ଦେଶ୍ୟରେ ସେ ଆପଣା ଜୀବନ ଦେଲେ।

ଆମେ ଆମ ନିଜର ସ୍ୱାଧୀନତା କ୍ରୟ କରି ନ ପାରୁ, କାରଣ ଆମ ଜୀବନରେ ରହିଥିବା ପାପ ଯୋଗୁଁ ଆମ ଉପରେ କର୍ତ୍ତୃତ୍ୱ କରିବା ପାଇଁ ଶୟତାନର ବୈଧାନିକ ଅଧିକାର ରହିଥିଲା। ଯେଉଁ ବ୍ୟକ୍ତି କେବେହେଲେ ପାପ କରି ନ ଥିବେ, ତାଙ୍କ ଉପରେ ଶୟତାନର ସେହି ବୈଧାନିକ ଅଧିକାର ନାହିଁ ଏବଂ ସେ ହିଁ ଆମର ସ୍ୱାଧୀନତାକୁ କ୍ରୟ କରିପାରିବେ। ଖ୍ରୀଷ୍ଟ, ନିର୍ଦ୍ଦୋଷ, ନିଷ୍କଳଙ୍କ ଓ ପାପଶୂନ୍ୟ ଥିବାରୁ ସେ ହିଁ ଆମର ମୁକ୍ତିକର୍ତ୍ତା ହୋଇପାରନ୍ତି।

ପାପର "ବର୍ତ୍ତନ" ବା ପରିଣାମ ରହିଛି। ଯେପର୍ଯ୍ୟନ୍ତ ଆମ ପାପର ମୂଲ୍ୟ ପରିଶୋଧ କରାଯାଇନାହିଁ, ସେପର୍ଯ୍ୟନ୍ତ ଶୟତାନ ମାନବ ଜାତି ଉପରେ ତା'ର ବୈଧାନିକ ପ୍ରଭୁତ୍ୱ ଜାହିର୍ କରିପାରିବ। ଈଶ୍ୱର ଆଦେଶ ଦେଇଛନ୍ତି ଯେ ପାପର ପ୍ରାୟଶ୍ଚିତ (ପରିଶୋଧ) ରକ୍ତ ଦ୍ୱାରା ହିଁ କରାଯିବ (ଲେବୀ ୧୭:୧୧)। ସେଥିଯୋଗୁଁ, ଖ୍ରୀଷ୍ଟ ଯେତେବେଳେ ଆପଣା ରକ୍ତ ବୁହାଇ ଆମର ପାପସବୁର ପ୍ରାୟଶ୍ଚିତ କଲେ, ସେହି ରକ୍ତ ଆମ ମୁକ୍ତିର ମୂଲ୍ୟ ହେଲା। ପାପର ମୂଲ୍ୟର ପରିଶୋଧ ହେତୁ ଶୟତାନର ବୈଧାନିକ ଦାବି ରଦ୍ଦ ହୋଇଗଲା। କାଲଭରୀ କ୍ରୁଶରେ ସାଧିତ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତକାରୀ କାର୍ଯ୍ୟକୁ ଯେଉଁମାନେ ବିଶ୍ୱାସରେ ଗ୍ରହଣ କରନ୍ତି, ସେମାନେ ପାପକ୍ଷମା ପାଇଥାନ୍ତି। ଯେଉଁ ମୁହୂର୍ତ୍ତରେ ଆମେ ପାପକ୍ଷମା ଲାଭ କରୁ, ଖ୍ରୀଷ୍ଟଙ୍କଠାରେ ଆମର ମୁକ୍ତି ତତ୍‌କ୍ଷଣାତ୍ କାର୍ଯ୍ୟକାରୀ ହୁଏ। ଯେଉଁ ରକ୍ତ ଆମକୁ ପରିଷ୍କାର କରେ, ଧୌତ କରେ ଓ ପାପକ୍ଷମା ପ୍ରଦାନ କରେ ତାହା ଶୟତାନର

କବ୍‌ଜାରୁ ଆମକୁ ମୁକ୍ତ କରି ଆଣେ । ତେଣୁ, "ଆମ୍ଭେମାନେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧସବୁର କ୍ଷମା ପ୍ରାପ୍ତ ହୋଇଅଛୁ" (ଏଫିସୀ ୧:୭) ।

ଖ୍ରୀଷ୍ଟଙ୍କର ପାତିତ ରକ୍ତ ହିଁ ଆମର ମୁକ୍ତିକୁ କ୍ରୟ କରିଛି । ତେଣୁ, ଶୟତାନ ଓ ତା'ର ପ୍ରେତାତ୍ମାଗଣ ଭୟ କରିଥାନ୍ତି ଯେତେବେଳେ ଖ୍ରୀଷ୍ଟଙ୍କ ରକ୍ତ ସମ୍ବନ୍ଧରେ ପ୍ରଚାର କରାଯାଏ । ଅନ୍ଧକାରର ଶକ୍ତିସକଳକୁ ଖ୍ରୀଷ୍ଟଙ୍କ ରକ୍ତ ଏହି ବାର୍ତ୍ତା ଦିଏ ଯେ ଆମର ସମ୍ପୂର୍ଣ୍ଣ ମୁକ୍ତିର ମୂଲ୍ୟ ପରିଶୋଧ କରାଯାଇଛି । ଆମେ ମୁକ୍ତିପ୍ରାପ୍ତ ।

**ବର୍ତ୍ତମାନଠାରୁ ଅନନ୍ତକାଳ ପର୍ଯ୍ୟନ୍ତ**

"କିନ୍ତୁ ଖ୍ରୀଷ୍ଟ ବର୍ତ୍ତମାନ ଉତ୍ତମ ଉତ୍ତମ ବିଷୟର ମହାଯାଜକସ୍ୱରୂପେ ଉପସ୍ଥିତ ହୋଇ ଏହି ସୃଷ୍ଟିରୁ ଭିନ୍ନ ଅହସ୍ତକୃତ ମହତ୍ତର ଓ ଶ୍ରେଷ୍ଠତର ତମ୍ବୁ ଦେଇ ଛାଗ ଓ ଗୋବତ୍ସର ରକ୍ତ ନୁହେଁ, ମାତ୍ର ଆପଣାର ରକ୍ତ ଘେନି ଏକାଥରକେ ମହାପବିତ୍ର ସ୍ଥାନରେ ପ୍ରବେଶ କରି ଅନନ୍ତ ମୁକ୍ତି ସାଧନ କରିଅଛନ୍ତି" (ଏବ୍ରୀ ୯:୧୧,୧୨) ।

ଆମମାନଙ୍କ ନିମନ୍ତେ ଖ୍ରୀଷ୍ଟ ଯେଉଁ ମୁକ୍ତି ସାଧନ କରିଛନ୍ତି ତାହା ଅନନ୍ତକାଳୀନ । ସେ ଯେଉଁ ମୂଲ୍ୟ ପରିଶୋଧ କରିଛନ୍ତି ତାହା ସମ୍ପୂର୍ଣ୍ଣ ଓ ସବୁସମୟ ନିମନ୍ତେ ପର୍ଯ୍ୟାପ୍ତ । ଆମେ ଯେଉଁ ମୁକ୍ତି ଉପଭୋଗ କରୁ ତାହା ସଦାକାଳସ୍ଥାୟୀ । ଆମେ ଯେଉଁ ମୁହୂର୍ତ୍ତରେ ପରିତ୍ରାଣ ପାଉ, ଅନନ୍ତକାଳ ଯାଏଁ ଆମେ ଖ୍ରୀଷ୍ଟଙ୍କଠାରେ ପ୍ରାପ୍ତ ମୁକ୍ତିର ଆଶୀର୍ବାଦଗୁଡ଼ିକ ପାଇ ଚାଲିଥିବା । ଏଥିରେ କିଛି ଯୋଗ କରିବା ପାଇଁ ଆମକୁ କିଛି କରିବାକୁ ପଡ଼ିବ ନାହିଁ । ଶୟତାନ ଆମକୁ ବୈଧାନିକ ଭାବେ ବନ୍ଦୀଭାବରେ ଆଉ ନେଇପାରିବ ନାହିଁ, ଯଦି ଆମେ ଆମର ଅଜ୍ଞତା ହେତୁ ବା ଜାଣିଶୁଣି ତା' ନିକଟରେ ନିଜକୁ ସମର୍ପି ନ ଦେଉ ।

ଯେଉଁ ରକ୍ତ ଆମର ମୁକ୍ତିସାଧନ କଲା ତାହା ସ୍ୱର୍ଗସ୍ଥ ମହାପବିତ୍ର ସ୍ଥାନରେ ଅର୍ପିତ ହୋଇଛି । ଏହି ମୂଲ୍ୟ ଦିଆଯାଇଥିବା ଈଶ୍ୱରଙ୍କ ନିକଟରେ ବିଧିବଦ୍ଧ ଭାବେ ଲିପିବଦ୍ଧ ହୋଇ ରହିଛି । ଯେଉଁ ମୁକ୍ତିର ମୂଲ୍ୟ ଦିଆସରିଛି ତା'ର ସ୍ମୃତି ସଦାକାଳସ୍ଥାୟୀ । ଏହି ମୁକ୍ତି ଯୋଗାଇ ଦିଆଯାଇଛି ବୋଲି ଅନନ୍ତକାଳୀନ ଦଲିଲ୍ ଉପଲବ୍ଧ ଅଛି । ସେହି ଦଲିଲ୍‌କୁ ପରିବର୍ତ୍ତନ କରିବା ପାଇଁ ଶୟତାନ କିଛି କରିପାରିବ ନାହିଁ ।

ଯେ ଆମମାନଙ୍କୁ ମୁକ୍ତ କଲେ ସେ ସ୍ୱୟଂ, ପିତା ଈଶ୍ୱରଙ୍କ ଛାମୁରେ ଆମର ମହାଯାଜକରୂପେ ରହିଛନ୍ତି । ସେ କହନ୍ତି, "ଆମ୍ଭେ ସ୍ୱୟଂଜୀବୀ; ଆମ୍ଭେ ମୃତ ହେଲୁ, ଆଉ ଦେଖ, ଆମ୍ଭେ ଯୁଗେ ଯୁଗେ ଜୀବିତ ଅଟୁ" (ପ୍ରକା ୧:୧୮କ) । ଆମର ମୁକ୍ତି ଅଧିକ ବାସ୍ତବ, ଅଧିକ ନିରାପଦ ବା ଅଧିକ ଅନନ୍ତକାଳୀନ ହୋଇ ନ ପାରେ । କାରଣ, "ତାହାଙ୍କଠାରେ ଆମ୍ଭେମାନେ ମୁକ୍ତି ପ୍ରାପ୍ତ ହୋଇଅଛୁ" ।

## "ପ୍ରଭୁଙ୍କର ମୁକ୍ତିପ୍ରାପ୍ତ ଲୋକଙ୍କ" ପରି ଜୀବନଯାପନ କରିବା

ଯଦିବା ଶୟତାନ ପରାଜିତ ଓ ତା'ଉପରେ ବିଜୟ ହାସଲ କରାଯାଇଛି, ତାକୁ କିଛି ସମୟ ଦିଆଯାଇଛି ଯେପରି ସେ ତା'ର ଦୁଷ୍ଟ ଯୋଜନାସବୁକୁ କାର୍ଯ୍ୟକାରୀ କରି ଚାଲିବ । ଆମେ ଜାଣୁ ସବୁଦିନ ପାଇଁ ସେ ଏସବୁ କରିପାରିବ ନାହିଁ । ତଥାପି, ଆମେ ପୃଥିବୀରେ ବାସ କରୁଥିବା ସମୟରେ ପ୍ରତିଦିନ ଏହି ଶତ୍ରୁର ସାମ୍ନା କରିଥାଉ ଯେ କି ପୁନର୍ବାର ଆମକୁ ତା'ର ବନ୍ଦୀ ବନାଇବାକୁ ଚାହେଁ । ଆମମାନଙ୍କ ନୈତିକ ଚରିତ୍ରରେ ବା ଆମର ମାନସିକ/ ଆବେଗପରାୟଣ କ୍ଷେତ୍ରରେ, ଆର୍ଥିକ, ଶାରୀରିକ, ସମ୍ପର୍କ (ବିବାହ, ପରିବାର ଓ ସମ୍ପର୍କସମୂହ) କ୍ଷେତ୍ରରେ ହେଉ, ସେବାକାର୍ଯ୍ୟ ବା ଆତ୍ମିକ (ପ୍ରଭୁଙ୍କ ସହିତ ଆମର ଚାଲିରେ) ବିଷୟରେ ଶୟତାନ ନିରନ୍ତର ଚେଷ୍ଟାକରୁଛି ଯେପରି ସେ ଆମ ଜୀବନରେ ପ୍ରବେଶ କରି ଆମର ଅନେକ କ୍ଷେତ୍ରରେ ସେ ଆସ୍ଥାନ ଜମାଇ ରହିବ । ତା'ର ସାମ୍ନା କରି ତାର ଏପରି ସମସ୍ତ ଉଦ୍ୟମକୁ ସଫଳତାର ସହିତ ପଣ୍ଡ କରିବା ଏବଂ ଖ୍ରୀଷ୍ଟ ଆମମାନଙ୍କୁ ଯେଉଁ ମୁକ୍ତି ଦେଇଛନ୍ତି ତା'ର ଆଶୀର୍ବାଦସବୁକୁ ଉପଯୋଗ କରି ଚାଲିବା ଆମମାନଙ୍କ ନିମନ୍ତେ ଏକ ଆହ୍ୱାନ ।

ଖ୍ରୀଷ୍ଟଙ୍କଠାରେ ଆମେମାନେ ପାଇଥିବା ମୁକ୍ତିର ଯେଉଁସବୁ ଆଶୀର୍ବାଦ ରହିଛି, ସେଥିରୁ ଅନେକ ଆଶୀର୍ବାଦ ଆମେ ଏହି ଜୀବନରେ ଉପଭୋଗ ଓ ଅନୁଭବ କରପାରିବା । ସେସବୁକୁ ଆମେ ପ୍ରକୃତରେ ଅନୁଭବ କରିବା ଯେତେବେଳେ ଆମେମାନେ ତାହାଙ୍କ ସାଦୃଶ୍ୟରେ ପରିବର୍ତ୍ତିତ ହେବା । ପୃଥିବୀରେ ବାସ କରିବା ବେଳେ ପ୍ରଭୁଙ୍କ ଦ୍ୱାରା ଆପଣା ପାଇଁ ମୁକ୍ତ ଓ କ୍ରୀତ ଲୋକ ଭାବରେ ଆମେ କିପରି ଭାବେ ଜୀବନ ଯାପନ କରିବା ? ଖ୍ରୀଷ୍ଟଙ୍କଠାରେ ଆମେ ଯେଉଁ ମୁକ୍ତିଲାଭ କରିଅଛୁ ତା'ର ଆଶୀର୍ବାଦସମୂହରେ ଆମ ଜୀବନ କିପରି ପରିପୂର୍ଣ୍ଣ ହୋଇପାରିବ ? ଜଗତର ସର୍ବତ୍ର ପରିବ୍ୟାପ୍ତ ହୋଇ ରହିଥିବା ବିଶ୍ୱାସୀଭାବରେ ଆମେମାନେ ବ୍ୟକ୍ତିଗତ ଭାବେ ଓ ସାମ୍ପ୍ରଦାୟିକ ଭାବେ ଆମ ମୁକ୍ତିର ବାସ୍ତବତାକୁ ପ୍ରଦର୍ଶନ କରିବାକୁ ହେବ । ଆମେ ବ୍ୟକ୍ତିଗତ ଓ ସାମୂହିକ ଭାବେ ପ୍ରଭୁଙ୍କର ମୁକ୍ତ ଲୋକଭାବରେ ଜୀବନଯାପନ କରିବାକୁ ହେବ ।

### ଧ୍ୟାନ ନିମନ୍ତେ ପ୍ରଶ୍ନ

୧. ମୁକ୍ତି ଏକ ବର୍ତ୍ତମାନକାଳୀନ ବାସ୍ତବତା ଅଥବା ଭବିଷ୍ୟତକାଳୀନ ଭରସା ?

୨. ଯୀଶୁଙ୍କ ରକ୍ତର ଶକ୍ତି ସମ୍ପର୍କରେ ଆଲୋଚନା କରନ୍ତୁ । ତାହାଙ୍କ ରକ୍ତ ଯେ ଆମର ମୁକ୍ତିର ମୂଲ୍ୟସ୍ୱରୂପେ ପରିଶୋଧ କରାଯାଇଥିଲା ଏହାକୁ ନେଇ ଆଲୋଚନା କରନ୍ତୁ ।

୩. ଜଣେ ବିଶ୍ୱାସୀ ଉପରେ ଶୟତାନର କେତେ ଅଧିକାର ରହିଛି ? ବିଶ୍ୱାସୀ ଜୀବନର ସବୁ କ୍ଷେତ୍ର କ'ଣ ଶୟତାନର ନିୟନ୍ତ୍ରଣରୁ ମୁକ୍ତ କରାଯାଇଛି କି ?

# ୩

# ଆମର ମୁକ୍ତିଜନିକ ଆଶୀର୍ବାଦସମୂହ

ମୁକ୍ତି ପ୍ରସଙ୍ଗକୁ ନେଇ ଆମେମାନେ ଅଧ୍ୟୟନ କରିବା ସମୟରେ ଏଥିସଙ୍ଗେ ସମ୍ବନ୍ଧିତ ଅନେକ ଆତ୍ମିକ ସତ୍ୟକୁ ଆମେ ଦେଖିବା ଏବଂ ତତ୍‌ସମ୍ବନ୍ଧୀୟ ଶାସ୍ତ୍ରାଂଶଗୁଡ଼ିକ ଉପରେ ମଧ୍ୟ ଆମେ ଆଲୋକପାତ କରିବା । ଆପଣମାନେ ସମୟ ବାହାର କରି ଏହି ଶାସ୍ତ୍ରାଂଶଗୁଡ଼ିକୁ ନେଇ ଧ୍ୟାନ କରନ୍ତୁ ଏବଂ ପବିତ୍ର ଆତ୍ମା ଯେପରି ଏହି ବାଇବଲ ସତ୍ୟଗୁଡ଼ିକ ଆପଣଙ୍କ ଜୀବନରେ ଉପଯୋଗ କରିବା ପାଇଁ ସାହାଯ୍ୟ କରିବେ ସେଥିପାଇଁ ତାହାଙ୍କ ସାହଚର୍ଯ୍ୟ ଭିକ୍ଷା କରନ୍ତୁ ।

**ବନ୍ଦୀମାନଙ୍କର ମୁକ୍ତି**

"ପ୍ରଭୁଙ୍କର ଆତ୍ମା ମୋ'ଠାରେ ଅଧିଷ୍ଠିତ, ଯେଣୁ ଦୀନହୀନମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ନିମନ୍ତେ ସେ ମୋତେ ଅଭିଷିକ୍ତ କରିଅଛନ୍ତି, ବନ୍ଦୀମାନଙ୍କ ନିକଟରେ ମୁକ୍ତି ଓ ଅନ୍ଧମାନଙ୍କ ନିକଟରେ ଦୃଷ୍ଟିଲାଭର ବିଷୟ ଘୋଷଣା କରିବାକୁ, ପୁଣି ଉପଦ୍ରବପ୍ରାପ୍ତ ଲୋକମାନଙ୍କୁ ମୁକ୍ତ କରିବାକୁ, ଆଉ ପ୍ରଭୁଙ୍କ ଅନୁଗ୍ରହବର୍ଷ ଘୋଷଣା କରିବାକୁ ସେ ମୋତେ ପ୍ରେରଣ କରିଅଛନ୍ତି" (ଲୂକ ୪:୧୮,୧୯) ।

"ପୁଣି, ତୁମ୍ଭେମାନେ ପଞ୍ଚାଶତ୍ତମ ବର୍ଷକୁ ପବିତ୍ର ରୂପେ ମାନ୍ୟ କରିବ, ଆଉ ସମୁଦାୟ ଦେଶରେ ତହିଁର ସମସ୍ତ ନିବାସୀମାନଙ୍କ ପ୍ରତି ମୁକ୍ତି ଘୋଷଣା କରିବ; ତାହା ତୁମ୍ଭମାନଙ୍କ ନିମନ୍ତେ ଯୋବେଲ (ମହୋଲ୍ଲାସ-ଉତ୍ସବ) ହେବ ଓ ତୁମ୍ଭେମାନେ ପ୍ରତି ଜଣ ଆପଣା ଆପଣା ଅଧିକାରକୁ ଫେରିଯିବ ଓ ପ୍ରତି ଜଣ ଆପଣା ଆପଣା ବଂଶ ନିକଟକୁ ଫେରିଯିବ । ସେହି ଯୋବେଲ ବର୍ଷରେ ପ୍ରତି ଜଣ ଆପଣା ଆପଣା ଅଧିକାରକୁ ଫେରିଯିବ" (ଲେବୀ ୨୫:୧୦,୧୩) ।

ପ୍ରଭୁ ଯୀଶୁ ତାଙ୍କର ସେବାକାର୍ଯ୍ୟ ଆରମ୍ଭ କରିବା ସମୟରେ କହିଥିଲେ ଯେ ସେ "ବନ୍ଦୀମାନଙ୍କ ନିକଟରେ ମୁକ୍ତି ଘୋଷଣା କରିବାକୁ" ଓ "ଉପଦ୍ରବପ୍ରାପ୍ତ ଲୋକମାନଙ୍କୁ ମୁକ୍ତ କରିବାକୁ" ଆସିଛନ୍ତି । ଏହାକୁ ବିଶ୍ଳେଷଣ କଲେ ଆମେ ବୁଝିପାରୁ ଯେ ସେ ଯେଉଁ "ମୁକ୍ତି" ଦେବା ବିଷୟରେ ଏଠାରେ କହନ୍ତି ତାହା ସମାଜିକ, ରାଜନୈତିକ ବା ସାଂସ୍କୃତିକ ମୁକ୍ତି ନ ଥିଲା । ଏହା ଆତ୍ମିକ ମୁକ୍ତି ଥିଲା । ଲୋକମାନେ ସର୍ବତ୍ର ଆଗରୁ, ଏବଂ ଏବେ ମଧ୍ୟ ଅଦୃଶ୍ୟ ରାଜ୍ୟରେ ରହିଥିବା ଶୟତାନ ଓ ତା'ର ପ୍ରେତାତ୍ମାମାନଙ୍କ ଦ୍ୱାରା ବନ୍ଦୀ କରାଯାଇ ଆତ୍ମିକଭାବେ ଅତ୍ୟାଚାରିତ ହୋଇ ଆସୁଛନ୍ତି । ଯୀଶୁ ଆମମାନଙ୍କୁ ଯେଉଁ

ଆତ୍ମିକ ସ୍ୱାଧୀନତା ପ୍ରଦାନ କରନ୍ତି ତାକୁ ମୁକ୍ତି କୁହାଯାଏ । ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁ ଓ ତାଙ୍କର ବିଜୟୀ ପୁନରୁତ୍‌ଥାନ ଯୋଗୁଁ ଏହି ମୁକ୍ତି ସମ୍ଭବପର ହୋଇପାରିଛି । ଖ୍ରୀଷ୍ଟଙ୍କଠାରେ ବ୍ୟକ୍ତିଗତଭାବେ ବିଶ୍ୱାସ କରିବା ଓ ସେ ଯାହା ଉପଲବ୍ଧ କରାଇଛନ୍ତି ସେଥିରେ ବିଶ୍ୱାସ କରିବା ଦ୍ୱାରା, ପ୍ରତ୍ୟେକ ବ୍ୟକ୍ତି ଏହି ସ୍ୱାଧୀନତା ବା ମୁକ୍ତି ନିଜ ଜୀବନରେ ଅନୁଭବ କରିପାରିବେ । ମୁକ୍ତି ଏକ ଆତ୍ମିକ ବିଷୟ । ଏହା ଆମର ଆତ୍ମାରେ ଆରମ୍ଭ ହୁଏ ଏବଂ ଏହାର ପ୍ରଭାବ ମାନବିକ ସ୍ଥିତିର ସବୁ କ୍ଷେତ୍ରରେ ପରିବ୍ୟାପ୍ତ ହୁଏ । ଏଥିରେ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ ।

ବାଇବଲ ପଣ୍ଡିତମାନେ କହନ୍ତି ଯେ ଲୂକ ୪:୧୮,୧୯ରେ ଦତ୍ତ ଯୀଶୁଙ୍କ ମିଶନ୍ ସ୍ୱୀକାରୋକ୍ତି ପୁରାତନ ନିୟମରେ ବର୍ଣ୍ଣିତ ଜୁବିଲି ବର୍ଷର ପୃଷ୍ଠଭୂମିରେ ଦିଆଯାଇଛି । ଈଶ୍ୱରଙ୍କ ବ୍ୟବସ୍ଥା ଅନୁସାରେ ପ୍ରତି ୫୦ ବର୍ଷରେ ଥରେ ଇଶ୍ରାଏଲୀୟ ଲୋକମାନେ ଜୁବିଲି ବର୍ଷ ପାଳନ କରୁଥିଲେ । ଏହି ବର୍ଷରେ ଦାସମାନଙ୍କୁ ମୁକ୍ତ କରାଯାଉଥିଲା । ସେମାନେ ମୁକ୍ତ ହୋଇ ସେମାନଙ୍କ ନିଜ ଲୋକଙ୍କ ନିକଟକୁ ଓ ସେମାନଙ୍କ ପୈତୃକ ଅଧିକାରକୁ ଫେରି ଯାଉଥିଲେ । ଋଣଛାଡ଼ ହେଉଥିଲା ଓ ବିକ୍ରୀତ ଭୂମି ତା'ର ପ୍ରକୃତ ଅଧିକାରୀକୁ ଫେରାଇ ଦିଆଯାଉଥିଲା । ଏହା ସଙ୍ଗେ ତୁଳନା କଲେ, ଯୀଶୁ ଯେଉଁ ମୁକ୍ତି ଦେଇଛନ୍ତି, ତଦ୍ଦ୍ୱାରା ଆତ୍ମିକ ଋଣ ରଦ୍ଦ କରାଯାଏ, ଆମର ପାପ କ୍ଷମିତ ହୁଏ, ଆମେ ଆମର ମୂଳ ଆତ୍ମିକ ଅବସ୍ଥା ଫେରିପାଉ ଏବଂ ଅଧିକ ବିଷୟ ପାଇଥାଉ ।

**ବାହାର କରି ଆଣି ପହଞ୍ଚାଇବା**

"ମାତ୍ର ତୁମ୍ଭେମାନେ ଆଜି ଦିନର ପରି ଯେପରି ସଦାପ୍ରଭୁଙ୍କ ଅଧିକାରର ଲୋକ ହୁଅ, ଏଥିପାଇଁ ସେ ତୁମ୍ଭମାନଙ୍କୁ ଗ୍ରହଣ କରିଅଛନ୍ତି ଓ ତୁମ୍ଭମାନଙ୍କୁ ଲୁହା-ଭାଟି ସ୍ୱରୂପ ମିସରରୁ ଉଦ୍ଧାର କରି ଆଣିଛନ୍ତି" (ଦ୍ୱି.ବିବ.୪:୨୦) ।

"ତୁମ୍ଭେ ଆପଣା ସନ୍ତାନକୁ କହିବ, ଆମ୍ଭେମାନେ ମିସରରେ ଫାରୋର ବନ୍ଧାଦାସ ଥିଲୁ; ପୁଣି ସଦାପ୍ରଭୁ ବଳବାନ୍ ହସ୍ତଦ୍ୱାରା ଆମ୍ଭମାନଙ୍କୁ ମିସରରୁ ବାହାର କରି ଆଣିଲେ; ଆଉ ସଦାପ୍ରଭୁ ଆମ୍ଭମାନଙ୍କ ସାକ୍ଷାତରେ ମିସର ପ୍ରତି, ଫାରୋଙ୍କ ପ୍ରତି ଓ ତାଙ୍କର ସମସ୍ତ ପରିବାର ପ୍ରତି, ମହତ୍ ଓ କ୍ଳେଶଦାୟକ ଚିହ୍ନ ଓ ଆଶ୍ଚର୍ଯ୍ୟକ୍ରିୟା ଦେଖାଇଲେ । ପୁଣି ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କ ନିକଟରେ ଯେଉଁ ଦେଶ ବିଷୟରେ ଶପଥ କରିଥିଲେ, ସେ ଦେଶରେ ସେ ଆମ୍ଭମାନଙ୍କୁ ପହୁଞ୍ଚାଇ ତାହା ଦେବା ନିମନ୍ତେ ମିସରରୁ ବାହାର କରି ଆଣିଲେ" (ଦ୍ୱି.ବିବ. ୬:୨୧-୨୩) ।

ପୂର୍ବ ଅଧ୍ୟାୟରେ ଆମେ ଦେଖିଛୁ ପୁରାତନ ନିୟମରେ ଇଶ୍ରାଏଲୀୟମାନଙ୍କ ପ୍ରତି ଯାହା ଘଟିଥିଲା ତା'ର ସମାନ୍ତରାଳ ସତ୍ୟ ନୂତନ ନିୟମର ମଣ୍ଡଳୀ ପ୍ରତି ପ୍ରଯୁଜ୍ୟ ଅଟେ ।

ମିସରର ଦାସତ୍ୱରୁ ଈଶ୍ୱର ତାଙ୍କ ଲୋକମାନଙ୍କୁ ବାହାର କରି ଆଣିବା ଓ ଶୟତାନର ଆତ୍ମିକ ବନ୍ଧନ ମଧ୍ୟରୁ ଆମକୁ ମୁକ୍ତ କରିବା ମଧ୍ୟରେ ସାମଞ୍ଜସ୍ୟ ରହିଛି । ଈଶ୍ୱର ତାଙ୍କ ଲୋକ ଇଶ୍ରାଏଲୀୟମାନଙ୍କୁ ଦାସତ୍ୱ ବନ୍ଧନରୁ ବାହାର କରି ଆଣିଲେ, ଯେପରି କି ସେ ସେମାନଙ୍କୁ ଆପଣା ଲୋକ କରିବେ - ଆପଣାର ଅଧିକାରସ୍ୱରୂପ କରିବେ । ସେ ସେମାନଙ୍କୁ ସେଠାରୁ ବାହାର କରି ଆଣିଲେ, ଯେପରି କି ସେମାନଙ୍କୁ ପ୍ରତିଜ୍ଞାତ ଦେଶକୁ ନେଇଯିବେ । ତେଣୁ ଆମର ମୁକ୍ତିରେ ରହିଛି ବାହାର କରି ଆଣିବା ଓ ପହଞ୍ଚାଇବା (ବା ଆଶୀର୍ବାଦଯୁକ୍ତ କରିବା)

- ଆମେ ତାଙ୍କଠାରୁ ଦୂରରେ ରହିଥିବା ଅବସ୍ଥାରୁ ବାହାର କରି ଆଣି ଆମକୁ ତାଙ୍କର ପୁତ୍ର ଓ କନ୍ୟା ହେବାକୁ ଦେଇଛନ୍ତି ।
- ସେ ଶୟତାନର ବନ୍ଧନରୁ ଆମକୁ ବାହାର କରି ଆଣି ତାହାଙ୍କ ପୁତ୍ରଙ୍କ ସ୍ୱାଧୀନ ରାଜ୍ୟରେ ପହଞ୍ଚାଇଛନ୍ତି ।
- ସେ ଆମକୁ ପାପରୁ ବାହାର କରି ଆଣି ଧାର୍ମିକତା ନିକଟରେ ପହଞ୍ଚାଇଛନ୍ତି ।
- ସେ ଆମକୁ ଦଣ୍ଡାଜ୍ଞାରୁ ବାହାର କରି ଆଣି ଧାର୍ମିକଗଣିତ କରିଛନ୍ତି ।
- ସେ ଆମକୁ ପାପାଚାରରୁ ବାହାର କରି ଆଣି ତାଙ୍କର ଯାଜକ ହେବାକୁ ଦେଇଛନ୍ତି ।
- ସେ ଆମକୁ ଦାସତ୍ୱାବସ୍ଥାରୁ ବାହାର କରି ଆଣି ଜୀବନରେ ରାଜତ୍ୱ କରିବାକୁ ଦେଇଛନ୍ତି ।
- ସେ ଆମକୁ ଅସୁସ୍ଥତାରୁ ବାହାର କରି ଆଣି ସୁସ୍ଥତା ପ୍ରଦାନ କରିଅଛନ୍ତି ।
- ସେ ଆମକୁ ଅତ୍ୟାଚାରରୁ ବାହାର କରି ଆଣି ଈଶ୍ୱର-ଦତ୍ତ ଅଧିକାର ପ୍ରଦାନ କରିଛନ୍ତି ।
- ସେ ଆମକୁ ପରାଜୟରୁ ବାହାର କରି ଆଣି ବିଜୟ ଦେଇଛନ୍ତି ।
- ସେ ଆମକୁ ବିଫଳତାରୁ ବାହାର କରି ଆଣି ସଫଳତା ଦେଇଛନ୍ତି ।
- ସେ ଆମକୁ ଅଭାବ ଓ ଦାରିଦ୍ର୍ୟ ମଧ୍ୟରୁ ବାହାର କରି ଆଣି ପ୍ରଚୁରତାରେ ପହଞ୍ଚାଇଛନ୍ତି ।
- ସେ ଆମକୁ ନିରାଶା ମଧ୍ୟରୁ ବାହାର କରି ଆଣି ଅନନ୍ତ ଭରସାରେ ପହଞ୍ଚାଇଛନ୍ତି ।
- ସେ ଆମକୁ ଅନନ୍ତ ମୃତ୍ୟୁରୁ ବାହାର କରି ଆଣି ଅନନ୍ତ ଜୀବନରେ ପହଞ୍ଚାଇଛନ୍ତି ।

## କେଉଁଥିରୁ ମୁକ୍ତିପ୍ରାପ୍ତ....

### ପାପର ଶକ୍ତିରୁ ମୁକ୍ତିପ୍ରାପ୍ତ

"ଆଉ ସେହି ଆନନ୍ଦଦାୟକ ଭରସା ପୁଣି ଆମ୍ଭମାନଙ୍କ ମହାନ୍ ଈଶ୍ୱର ଓ ତ୍ରାଣକର୍ତ୍ତା ଖ୍ରୀଷ୍ଟଯୀଶୁଙ୍କ ଗୌରବର ପ୍ରକାଶ ଅପେକ୍ଷାରେ ରହୁ, ଏଥିନିମନ୍ତେ ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛି । ସେହି ଖ୍ରୀଷ୍ଟଯୀଶୁ ଆମ୍ଭମାନଙ୍କୁ ସମସ୍ତ ଅଧର୍ମରୁ ମୁକ୍ତ କରିବାକୁ ଓ ଆପଣା ନିମନ୍ତେ ସତ୍କର୍ମରେ ଉଦ୍‌ଯୋଗୀ ନିଜସ୍ୱ ଲୋକସ୍ୱରୂପେ ଶୁଦ୍ଧ କରିବାକୁ ଆମ୍ଭମାନଙ୍କ ନିମନ୍ତେ ଆପଣାକୁ ଦେଲେ" (ତିତସ ୨:୧୩,୧୪) ।

"କାରଣ ପାପ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବ ନାହିଁ, ଯେଣୁ ତୁମ୍ଭେମାନେ ବ୍ୟବସ୍ଥାର ଅଧୀନ ନୁହଁ, ମାତ୍ର ଅନୁଗ୍ରହର ଅଧୀନ ଅଟ" (ରୋମୀ ୬:୧୪) ।

ଯୀଶୁ ଆସିଥିଲେ ଆମକୁ "ସମସ୍ତ ଅଧର୍ମରୁ (ଦୁଷ୍ଟତାରୁ) ମୁକ୍ତ" କରିବାକୁ । 'ମୁକ୍ତି'ର ଗ୍ରୀକ୍ ପ୍ରତିଶବ୍ଦ lutro ର ଅର୍ଥ ଜଣେ ବନ୍ଦୀକୁ ମୂଲ୍ୟଦେଇ ମୁକ୍ତ କରିବା । ତେଣୁ ଏଠାରେ ଉପସ୍ଥାପିତ ସତ୍ୟ ହେଉଛି ଆମକୁ ଯେଉଁସବୁ ପାପ ବନ୍ଦୀ କରି ରଖିଛି ସେଥିରୁ ଯୀଶୁ ଆମକୁ ମୁକ୍ତ କରିପାରନ୍ତି । ବ୍ୟକ୍ତିଗତ ଭାବରେ, ଆମେ ଅନେକ ପାପପୂର୍ଣ୍ଣ ଅଭ୍ୟାସ ଦ୍ୱାରା ବନ୍ଦୀ ରହିଥାଉ । ଏହି ପୁସ୍ତକରେ ସେସବୁ ପାପର ତାଲିକା ଦିଆଯିବା ଅନାବଶ୍ୟକ, କାରଣ ସେସବୁକୁ ଆମେ ବ୍ୟକ୍ତିଗତ ଜୀବନରେ ଜାଣୁ । ବର୍ତ୍ତମାନ ଆମେ ଯୀଶୁଙ୍କଠାରେ ଥିବାରୁ, ଆମେ ଜାଣିବା ଉଚିତ ଯେ ଆମମାନଙ୍କୁ ଯେଉଁ ମୁକ୍ତି ଦିଆଯାଇଛି, ତଦ୍ଦ୍ୱାରା ଆମେ ପାପପୂର୍ଣ୍ଣ କାର୍ଯ୍ୟସବୁର ବନ୍ଧନରୁ ମୁକ୍ତ ହୋଇପାରିବା । ଜଗତର ଲୋକେ ଅନେକ ପାପକର୍ମକୁ 'ବଂଶାନୁକ୍ରମିକ' ବା ଅନ୍ୟ କିଛି କହିପାରନ୍ତି । କିନ୍ତୁ ଆମେ ପାପକୁ ପାପ ବୋଲି କହିବା ଓ ଜାଣିବା ଯେ ଖ୍ରୀଷ୍ଟ ଆମମାନଙ୍କୁ ପାପରୁ ମୁକ୍ତ କରିପାରନ୍ତି । ଈଶ୍ୱରଙ୍କ ନିଜସ୍ୱ ଲୋକ ପରି ଆମେ ଜୀବନ ଯାପନ କରିବା କାରଣ ଈଶ୍ୱରଙ୍କ ଲୋକମାନେ ଧାର୍ମିକତାର ପଥରେ ଚାଲିବା ପାଇଁ ଆଗ୍ରହୀ ଅଟନ୍ତି ।

### ଶୟତାନର କର୍ମସବୁରୁ ମୁକ୍ତିପ୍ରାପ୍ତ

"ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରିଅଛନ୍ତି" (କଲସୀ ୧:୧୩କ) ।

"ମୁଁ ତୁମ୍ଭମାନଙ୍କ ସହିତ ଆଉ ଅଧିକ କଥାବାର୍ତ୍ତା କରିବି ନାହିଁ, କାରଣ ଜଗତର ଅଧିପତି ଆସୁଅଛି; ଆଉ ମୋ'ଠାରେ ତାହାର କିଛି ହିଁ ନାହିଁ" (ଯୋହନ ୧୪:୩୦) ।

"ଯେକେହି ଈଶ୍ୱରଙ୍କଠାରୁ ଜାତ, ସେ ଯେ ପାପ କରେ ନାହିଁ, ବରଞ୍ଚ ସେ ଈଶ୍ୱରଙ୍କଠାରୁ ଜାତ ହୋଇ ଆପଣାକୁ ରକ୍ଷା କରେ, ଆଉ ପାପାତ୍ମା ତାହାକୁ ସ୍ପର୍ଶ କରେ ନାହିଁ, ଏହା ଆମ୍ଭେମାନେ ଜାଣୁ" (୧ଯୋହନ ୫:୧୮) ।

"ଦେଖ, ମୁଁ ତୁମ୍ଭମାନଙ୍କୁ ସାପ ଓ ବିଛା ଉପରେ ଚାଲିବାକୁ କ୍ଷମତା ଦେଇଅଛି, ପୁଣି ଶତ୍ରୁର ସମସ୍ତ ଶକ୍ତି ଉପରେ ମଧ୍ୟ କ୍ଷମତା ଦେଇଅଛି, ଆଉ କିଛି ହିଁ କୌଣସି ପ୍ରକାରେ ତୁମ୍ଭମାନଙ୍କର କ୍ଷତି କରିବ ନାହିଁ" (ଲୂକ ୧୦:୧୯) ।

ଆମମାନଙ୍କ ଜୀବନ ଉପରେ ଶୟତାନର ନିୟନ୍ତ୍ରଣରୁ ଆମେ ମୁକ୍ତ ହୋଇଛୁ । ଯୋହନ ୧୪:୩୦ରେ ଯୀଶୁ ଯାହା କହିଥିଲେ ଏବେ ଆମ ବିଷୟରେ ମଧ୍ୟ ତାହା କୁହାଯାଇପାରିବ କାରଣ ଆମେ ତାହାଙ୍କ ଦ୍ୱାରା ମୁକ୍ତ କରାଯାଇଛୁ । ଜଗତ୍‌ପତି ଶୟତାନର ଆମ ଉପରେ ଆଉ ଦାବି ନାହିଁ, ଆମ ସଙ୍ଗେ ତାହାର କିଛି ହିଁ ନାହିଁ, ଆମର କୌଣସି ବିଷୟ ଉପରେ ତା'ର ଅଧିକାର ନାହିଁ ଓ ଆମ ଉପରେ ତା'ର କୌଣସି ଶକ୍ତି ନାହିଁ । ଆମେ ଈଶ୍ୱରଙ୍କର ଅଟୁ, ସେ ଆମକୁ ତାଙ୍କର ନିଜସ୍ୱ ଲୋକ କରିଅଛନ୍ତି । ହାଲ୍ଲେଲୁୟା ! ଈଶ୍ୱରଙ୍କ ପୁତ୍ର ଯୀଶୁ, ଆମକୁ ସୁରକ୍ଷିତ ରଖନ୍ତି ଏବଂ ଶୟତାନ ଆମର କୌଣସି କ୍ଷତି କରି ପାରିବ ନାହିଁ । ଶୟତାନର କର୍ତ୍ତୃତ୍ୱରୁ ତ ଆମକୁ ମୁକ୍ତ କରାଯାଇଛି, ତା' ଉପରେ ମଧ୍ୟ ଆମକୁ ଅଧିକାର ଦିଆଯାଇଛି ଓ ତା'ଠାରୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯାଇଛି । କି ଗୌରବଜନକ ମୁକ୍ତି ! ବର୍ତ୍ତମାନ ଶୟତାନ ଯେତେବେଳେ ତା'ର ମନ୍ଦ ଯୋଜନାଗୁଡ଼ିକ ଆମ ବିରୁଦ୍ଧରେ କାର୍ଯ୍ୟକାରୀ କରେ, ଯେପରି ସାଂଘାତିକ ପୀଡ଼ାସବୁ ଦ୍ୱାରା ଆମକୁ ଆକ୍ରାନ୍ତ କରିବା, ବା ଆମର ପରିବାରକୁ ନଷ୍ଟ କରିଦେବା, ବା ଆମର ପିଲାମାନଙ୍କୁ ଅବାଟରେ ନେଇଯିବା, ବା ଆମର ବ୍ୟବସାୟରେ କ୍ଷତି ପହଞ୍ଚାଇବା, ବା ଆର୍ଥିକ ଅନାଟନ ଘଟାଇବା, ବା କିଛି ବିପର୍ଯ୍ୟୟ ଆଣିବା, ଇତ୍ୟାଦି, ସେତେବେଳେ ଆମେ ତା' ବିରୁଦ୍ଧରେ ଉଠି ତା'ର କାର୍ଯ୍ୟସବୁକୁ ବିଜୟୀ ଭାବରେ ପ୍ରତିବାଧା କରିପାରିବା । ତା' ହେଲେ ଆମେ ତା'ର ହାତରେ କଷ୍ଟପାଇବା ନାହିଁ ।

**ବର୍ତ୍ତମାନର ଏହି ମନ୍ଦ ଜଗତରୁ ଉଦ୍ଧାରପ୍ରାପ୍ତ**

"ଆମ୍ଭମାନଙ୍କ ପିତା ଈଶ୍ୱର ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ; ସେ ଆମ୍ଭମାନଙ୍କ ପିତା ଈଶ୍ୱରଙ୍କ ଇଚ୍ଛାନୁସାରେ ଏହି ବର୍ତ୍ତମାନ ଜଗତରୁ ଆମ୍ଭମାନଙ୍କୁ ଉଦ୍ଧାର କରିବା ପାଇଁ ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ପ୍ରଦାନ କଲେ" (ଗାଲାତୀ ୧:୩-୪) ।

"ଯେକେହି ଯୀଶୁଙ୍କୁ ଖ୍ରୀଷ୍ଟ ବୋଲି ବିଶ୍ୱାସ କରେ, ସେ ଈଶ୍ୱରଙ୍କଠାରୁ ଜାତ; ଯେକେହି ଈଶ୍ୱରଙ୍କଠାରୁ ଜାତ, ସେ ଜଗତକୁ ଜୟ କରେ, ଆଉ ଯାହା ଜଗତକୁ ଜୟ କରିଅଛି, ତାହା ଆମ୍ଭମାନଙ୍କର ବିଶ୍ୱାସ" (୧ଯୋହନ ୫:୧କ, ୪) ।

ଆପଣଙ୍କୁ ଓ ମୋତେ "ବର୍ତ୍ତମାନର ଏହି ମନ୍ଦ ଜଗତରୁ" ଉଦ୍ଧାର କରିବାକୁ ପିତା ଈଶ୍ୱରଙ୍କର ଇଚ୍ଛା ଥିଲା । କ୍ରୁଶରେ ସାଧିତ ମୁକ୍ତିର କାର୍ଯ୍ୟଦ୍ୱାରା ଯୀଶୁ ଏହା ସମ୍ଭବ କରିଥିଲେ ।

"ବର୍ତ୍ତମାନର ଏହି ମନ୍ଦ ଜଗତରୁ" ଆମମାନଙ୍କୁ ଉଦ୍ଧାର କରାଯାଇଛି । 'ଜଗତର' ଅର୍ଥ 'ଯୁଗ' ମଧ୍ୟ, ଅର୍ଥାତ୍ ବର୍ତ୍ତମାନ କାଳ । ଏହି ସମୟରେ ଶୟତାନ "ଜଗତ୍‌ପତି ଭାବରେ" (୨କରିନ୍ଥୀ ୪:୪) ତା'ର କାର୍ଯ୍ୟ କରି ଚାଲିଛି । 'ଉଦ୍ଧାର' ଶବ୍ଦର ଅର୍ଥ (ଗ୍ରୀକ୍ exaireo) ମଧ୍ୟ 'ମନୋନୀତ କରିବା', 'ନିଜ ନିମନ୍ତେ' ଗ୍ରହଣ କରିବା । ପିତା ଈଶ୍ୱର ଆମମାନଙ୍କୁ ତାଙ୍କର ଲୋକ କରିବାପାଇଁ ବର୍ତ୍ତମାନର ଏହି ମନ୍ଦ ଜଗତରୁ ଉଦ୍ଧାର କରିବା ନିମନ୍ତେ ବିଶେଷ ଆଗ୍ରହ ଓ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଥିଲେ । ଆମେମାନେ ବର୍ତ୍ତମାନର ଏହି ମନ୍ଦ ଜଗତରୁ ଉଦ୍ଧାର ପ୍ରାପ୍ତ ହୋଇଥିବାରୁ ଆମେ ଜଗତ୍‌ପତି ଶୟତାନର କାର୍ଯ୍ୟସବୁ ଓ ପ୍ରଭାବର ବଶୀଭୂତ ହେବା ଅନାବଶ୍ୟକ । ଆଉ ଗୋଟିଏ ପଦକ୍ଷେପ ଆଗକୁ ନେଇ ଧର୍ମଶାସ୍ତ୍ର ପ୍ରକାଶ କରେ ଯେ ପ୍ରତ୍ୟେକ ବିଶ୍ୱାସୀ ଜଗତକୁ ଜୟ କରିଥାଏ । ଜଗତ (ଗ୍ରୀକ୍ kosmos) କହିଲେ ଆମ ଚତୁଃପାର୍ଶ୍ୱରେ ଯେଉଁ 'ବ୍ୟବସ୍ଥା' ବା 'ରୀତି' ବିଦ୍ୟମାନ ତାକୁ ବୁଝାଏ । ଏହି ମନ୍ଦ ଓ ବିଦ୍ରୋହୀ ରୀତି ସମାଜ, ସଂସ୍କୃତି ଓ ଜାତିଗଣ ମଧ୍ୟରେ ବିଦ୍ୟମାନ ଅଟେ, ଯଦ୍ଦ୍ୱାରା ଲୋକମାନେ ଓ ପରିସ୍ଥିତିସବୁ ଈଶ୍ୱରଙ୍କ ଉଦ୍ଦେଶ୍ୟ ବିରୁଦ୍ଧରେ ଉଠିଥାନ୍ତି । ଏହି ମନ୍ଦ ଓ ବିଦ୍ରୋହୀ ରୀତି ସାରା ଜଗତକୁ ପ୍ରଭାବିତ ଓ କର୍ତ୍ତୃତ୍ୱ କରୁଥିବାରୁ ବିଶ୍ୱାସୀମାନେ ଏହି ରୀତି ବା ପ୍ରଣାଳୀ ଅଧୀନରେ ବାସ କରିବା ଅନୁଚିତ । ଧର୍ମଶାସ୍ତ୍ର ଶିକ୍ଷାଦିଏ ଯେ ଆମେ "କୁଅଭିଳାଷରୁ ଜାତ ଯେଉଁ ବିନାଶ ଜଗତରେ ଅଛୁ, ସେଥିରୁ ରକ୍ଷା ପାଇ ଐଶରିକ ସ୍ୱଭାବର ସହଭାଗୀ ହେଉ" (୨ପିତର ୧:୪) । ବର୍ତ୍ତମାନର ଏହି ଜଗତକୁ ଆଧିପତ୍ୟ ବିସ୍ତାର କରୁଥିବା ମନ୍ଦ ବିଷୟରୁ ବିଶ୍ୱାସୀ ମୁକ୍ତ ଅଟେ, ଏବଂ ସେ ଜଗତର ମନ୍ଦ ଓ ବିଦ୍ରୋହଯୁକ୍ତ ପ୍ରଣାଳୀକୁ ବିଜୟ ସହକାରେ ଅତିକ୍ରମଣ କରି ଯାଇପାରିବ । ଏହା ଖ୍ରୀଷ୍ଟଙ୍କର ମୁକ୍ତିର କାର୍ଯ୍ୟ ଯୋଗୁଁ ସମ୍ଭବ ହୋଇଛି ।

### ଅତୀତର ନିରର୍ଥକ ଜୀବନ ଯାପନରୁ ମୁକ୍ତିପ୍ରାପ୍ତ

"ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାରବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନ ହୋଇ ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛୁ" (୧ପିତର ୧:୧୮,୧୯) ।

ପିତରଙ୍କର ଦୁଇଟିଯାକ ପତ୍ର ଏସିଆ ମାଇନର୍‌ର ବିଭିନ୍ନ ସ୍ଥାନରେ ରହୁଥିବା ଖ୍ରୀଷ୍ଟିୟାନମାନଙ୍କ ନିକଟକୁ ଲିଖିତ । ସେମାନେ ମୁଖ୍ୟତଃ ଅଣଯିହୂଦୀ ପୃଷ୍ଠଭୂମିର ଥିଲେ । ସେମାନେ ଅତୀତ ଜୀବନରେ "କାମୁକତା, କୁଅଭିଳାଷ, ମଦ୍ୟପାନ, ରଙ୍ଗରସ, ମତ୍ତତା, ଓ ଘୃଣ୍ୟ ପ୍ରତିମାପୂଜାରେ" ଲିପ୍ତ ଥିଲେ (୧ପିତର ୪:୩) । ଏହି ପ୍ରକାର ଲୋକମାନଙ୍କ

ନିକଟରେ ପିତର ଘୋଷଣା କରିଥିଲେ ଯେ ସେମାନେ ସେମାନଙ୍କ ପିତୃପୁରୁଷମାନଙ୍କଠାରୁ ପ୍ରାପ୍ତ "ପରମ୍ପରାଗତ ନିରର୍ଥକ ଆଚାର ବ୍ୟବହାରରୁ" ମୁକ୍ତ ହୋଇଛନ୍ତି। ଏହି ସତ୍ୟ, ସଂସ୍କୃତି ଓ ଜାତି ନିର୍ବିଶେଷରେ ସାରା ଜଗତର ଲୋକଙ୍କ ପ୍ରତି ପ୍ରଯୁଜ୍ୟ। ବ୍ୟକ୍ତିଗତରୂପେ ଆମେମାନେ ଅନେକେ ଜୀବନଶୈଳୀରୂପ ଫାନ୍ଦମଧ୍ୟରେ ଛନ୍ଦି ହୋଇ ରହିଥାଉ। ସେଥିରେ ଅନେକ ପାପଯୁକ୍ତ ପରମ୍ପରା ଥାଏ ଯାହା ପିତୃପୁରୁଷଙ୍କଠାରୁ ଅନେକ ପିଢ଼ିରୁ ଏଯାଏଁ ଚାଲିଆସିଛି। ସେସବୁକୁ ପିତୃପୁରୁଷଙ୍କଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାର ବ୍ୟବହାର କୁହାଯାଇଛି। ଉଦାହରଣ ସ୍ୱରୂପ, ଯଦି ପିତାମାତା ନିଶାସକ୍ତ ବା ମଦ୍ୟପାନ କରନ୍ତି, ତେବେ ତାଙ୍କ ପିଲାମାନେ ମଧ୍ୟ ଏହାକୁ ଅନୁସରଣ କରିବେ ଅର୍ଥାତ୍ ଏହି ପାପର ଅଭ୍ୟାସ ସେମାନେ ପିତାମାତାଙ୍କଠାରୁ ପାଇଥାନ୍ତି। ଅନ୍ୟ ବିଷୟସବୁରେ, ଧର୍ମୀୟ ଉପାସନା ମଧ୍ୟ ଅନେକ ପିଢ଼ିରୁ ପ୍ରଚଳିତ ହୋଇ ଆସିଥାଏ। ବିଶ୍ୱାସୀଭାବରେ ଆମେ ଜାଣିବା ଆବଶ୍ୟକ ଯେ ଖ୍ରୀଷ୍ଟଙ୍କର ରକ୍ତ ଆମମାନଙ୍କୁ ଏପ୍ରକାର ପାପ ଓ ଜୀବନଶୈଳୀରୁ ରକ୍ଷା କରିଛି। ଏହା ଏକ ଆଶ୍ଚର୍ଯ୍ୟ ବିଷୟ ଯେ ଲୋକମାନେ ଯୀଶୁଙ୍କ ରକ୍ତର ମୁକ୍ତିକାରୀ ଶକ୍ତି ଯୋଗୁଁ ସେମାନଙ୍କର ପରମ୍ପରାଗତ ନିରର୍ଥକ ଅସାର ଜୀବନଶୈଳୀରୁ ମୁକ୍ତ ହୋଇପାରିଛନ୍ତି। ପ୍ରତିମା ପୂଜା କରୁଥିବା ଏକ ପରିବାରରେ ଜନ୍ମ ନେଇଥିବା ବା ବ୍ୟଭିଚାର ଓ ଅନୈତିକତାରେ ପରିପୂର୍ଣ୍ଣ ଏକ ପରିବାରରେ ବଢ଼ିଥିବା ଜଣେ ବ୍ୟକ୍ତି ଯଦି ସେସବୁରୁ ମୁକ୍ତ ହୋଇ ସତ୍ୟ ଓ ଜୀବିତ ଈଶ୍ୱରଙ୍କର ଉପାସନା କରେ ତାହା ବାସ୍ତବିକ, ଅତି ଆଶ୍ଚର୍ଯ୍ୟର ବିଷୟ।

### ବ୍ୟବସ୍ଥାର ଅଭିଶାପରୁ ମୁକ୍ତ

"ଯୀଶୁ ଖ୍ରୀଷ୍ଟଙ୍କ ହେତୁ ଅବ୍ରହାମଙ୍କ ଆଶୀର୍ବାଦ ଯେପରି ବିଜାତିମାନଙ୍କ ପ୍ରତି ବର୍ତ୍ତେ, ପୁଣି ଆମ୍ଭେମାନେ ଯେପରି ବିଶ୍ୱାସ ହେତୁ ପ୍ରତିଜ୍ଞାତ ଆତ୍ମା ପ୍ରାପ୍ତ ହେଉ, ଏଥିପାଇଁ ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଅଭିଶପ୍ତ ହୋଇ ବ୍ୟବସ୍ଥାର ଅଭିଶାପରୁ ମୂଲ୍ୟ ଦେଇ ଆମ୍ଭମାନଙ୍କୁ ମୁକ୍ତ କଲେ; କାରଣ ଲେଖା ଅଛି, ଯେକେହି ଖୁଣ୍ଟରେ ଟଙ୍ଗାଯାଏ, ସେ ଅଭିଶପ୍ତ" (ଗାଲାତୀ ୩:୧୩,୧୪)।

"କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ; ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ" (ଗାଲାତୀ ୪:୪,୫)।

ବ୍ୟବସ୍ଥାର ପାଳନ ଦ୍ୱାରା ମଙ୍ଗଳ, ସମୃଦ୍ଧି, ଶାନ୍ତି ଓ ଈଶ୍ୱରଙ୍କ ଉପସ୍ଥିତିରୂପ ଆଶୀର୍ବାଦସମୂହ ମିଳିଥାଏ। କିନ୍ତୁ ଏହା ପାଳନ ନ କରିବା ଦ୍ୱାରା ଅସୁସ୍ଥତା, ଦାରିଦ୍ର୍ୟ, ବିପର୍ଯ୍ୟୟ, ବିଫଳତା, ପରାଜୟ ଓ ଆହୁରି ଅଧିକ ଅଭିଶାପ ଆସିଥାଏ (ଲେବୀ ୨୬;

ଦ୍ୱି.ବିବ ୨୮) । ବ୍ୟତିକ୍ରମ ହେତୁ ଅର୍ଥାତ୍ ଅବାଧ୍ୟତା ଯୋଗୁଁ ଅଭିଶାପଗୁଡ଼ିକ ଆମ ଉପରକୁ ଆସିବା ଉଚିତ ଥିଲା । କିନ୍ତୁ, ଖ୍ରୀଷ୍ଟ ଏଥିରେ ହସ୍ତକ୍ଷେପ କଲେ ଓ ଆମମାନଙ୍କୁ ବ୍ୟବସ୍ଥାର ଅଭିଶାପରୁ ମୁକ୍ତ କଲେ, ଯେପରି କି ଆମେ ଆଶୀର୍ବାଦସମୂହ ଲାଭ କରିବା । ବୈଧାନିକ ଭାବେ ଏସବୁ ଆଶୀର୍ବାଦ ଆମର ଅଟେ! ଆମେମାନେ ଈଶ୍ୱରଙ୍କ ଉପସ୍ଥିତି, ଈଶ୍ୱରଙ୍କ ସଙ୍ଗେ ନିବିଡ଼ ସମ୍ପର୍କ, ସଫଳତା, ସମୃଦ୍ଧି ଓ ସମସ୍ତ ମଙ୍ଗଳ ବିଷୟ ପାଇପାରିବା । ଗାଲାତୀ ପୁସ୍ତକର ଉପରୋକ୍ତ ଶାସ୍ତ୍ରାଂଶସମୂହରୁ ଆମେ ଏହି ଶିକ୍ଷା ପାଉ ଯେ ଆମେ ଆଉ ବ୍ୟବସ୍ଥାର (ବା ବର୍ତ୍ତମାନ ଯୁଗର କୌଣସି ଧାର୍ମିକ ବିଧିବିଧାନର) ଅଧୀନ ନୋହୁଁ, ମାତ୍ର ଆମେମାନେ ମୁକ୍ତ ହୋଇଥିବା ସ୍ଥିତିରେ ରହିଛୁ ଏବଂ ଜୀବିତ ଈଶ୍ୱରଙ୍କର ପୁତ୍ର ଓ କନ୍ୟା ଭାବରେ ଆମେ ତାଙ୍କର ସେବା ଓ ପୂଜା କରିପାରିବା ।

### କେଉଁଥିପାଇଁ ମୁକ୍ତିପ୍ରାପ୍ତ....

#### ଉଚ୍ଚତର ରାଜ୍ୟର ଅଧିକାରୀ ହେବା ପାଇଁ ମୁକ୍ତିପ୍ରାପ୍ତ

"ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି" (କଲସୀ ୧:୧୩) ।

ଆମେମାନେ ଈଶ୍ୱରଙ୍କ ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ଅଣାଯାଇଛୁ । ଏହା ସର୍ବୋଚ୍ଚ ରାଜ୍ୟ, ଯାହା ଅନ୍ୟସବୁ ଉପରେ ଶାସନ କରିଥାଏ । ଏହି ରାଜ୍ୟର ନୀତିନିୟମ ମାନି ଆମେ ବଞ୍ଚିବାକୁ ହେବ । ଯୀଶୁଙ୍କ ରାଜ୍ୟର ନିୟମସବୁ ଜାଗତିକ ରାଜ୍ୟସବୁର ଓ ପ୍ରକୃତିର ନିୟମସବୁକୁ ଅଧିକ୍ରମଣ କରେ । ଆମେମାନେ ଏହି ରାଜ୍ୟର ଲୋକମାନେ । ଏହା ଧାର୍ମିକତା, ଶାନ୍ତି, ଆନନ୍ଦ, ଆଶୀର୍ବାଦ, ଅଧିକାର, ପରାକ୍ରମ ଓ ବିଜୟର ରାଜ୍ୟ । ଈଶ୍ୱରଙ୍କ ପୁତ୍ରଙ୍କ ରାଜ୍ୟର ନାଗରିକମାନଙ୍କୁ ଯେଉଁସବୁ ସୁବିଧା ସୁଯୋଗ ଦିଆଯାଇଛି ସେସବୁକୁ ଆମେ ଉପଭୋଗ କରିପାରିବା । ଉଚ୍ଚତର ରାଜ୍ୟର ନିୟମସବୁ ମାନିବା ଦ୍ୱାରା ଆମେ ପ୍ରକୃତି ଉପରିସ୍ଥ ଅଲୌକିକ ରାଜ୍ୟରେ ରହି ଜୀବନଯାପନ କରିପାରିବା ।

#### ଈଶ୍ୱରଙ୍କ ସଙ୍ଗେ ଯଥାର୍ଥ ସମ୍ପର୍କରେ ରହିବା ପାଇଁ ମୁକ୍ତିପ୍ରାପ୍ତ

"ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି, ପୁଣି, ସେମାନେ ବିନାମୂଲ୍ୟରେ ତାହାଙ୍କ ଅନୁଗ୍ରହରେ, ଖ୍ରୀଷ୍ଟଯୀଶଙ୍କଠାରେ ଯେଉଁ ମୁକ୍ତି ଅଛି, ତଦ୍ଦ୍ୱାରା ଧାର୍ମିକ ଗଣିତ ହୁଅନ୍ତି" (ରୋମୀ ୩:୨୩,୨୪) ।

ଯୀଶୁଖ୍ରୀଷ୍ଟ ଆମମାନଙ୍କୁ ଯେଉଁ ମୁକ୍ତି ଦେଇଛନ୍ତି ତାହା ଆମକୁ ଧାର୍ମିକଗଣିତ କରିଥାଏ । "ଧାର୍ମିକଗଣିତ" ହେବାର ଅର୍ଥ ସମସ୍ତ ଦୋଷରୁ ମୁକ୍ତ ଘୋଷିତ ହେବା

ଅର୍ଥାତ୍ ସତେ ଯେପରି ଆମେ କେବେ ପାପ କରିନାହୁଁ । ଏହା ଦ୍ୱାରା ଈଶ୍ୱରଙ୍କ ସହିତ ଆମର ସ୍ଥିତି ଉତ୍ତମ ହୋଇଯାଏ । ଆମେ ଦଣ୍ଡାଜ୍ଞାରୁ ମୁକ୍ତ ଓ ଦୋଷ ଭାବନା ନ ଥାଇ ସର୍ବଶକ୍ତିମାନ ଈଶ୍ୱରଙ୍କ ସଙ୍ଗେ ସହଭାଗିତା ରକ୍ଷା କରୁ । ଆମେ ମଧ୍ୟ ଶତ୍ରୁଶୟତାନକୁ ଓ ତା'ର ଅଭିଯୋଗ ଯେ ଆମେ ପାପୀ ଅଟୁ, ଏହାକୁ ଏହି ସତ୍ୟର ସହିତ ସାମ୍ନା କରିବା କାରଣ ଆମେମାନେ "ବିନାମୂଲ୍ୟରେ ତାହାଙ୍କ ଅନୁଗ୍ରହରେ, ଖ୍ରୀଷ୍ଟଯୀଶୁଙ୍କଠାରେ ଯେଉଁ ମୁକ୍ତି ଅଛି ତଦ୍ଦ୍ୱାରା ଧାର୍ମିକ ଗଣିତ" ହୋଇଅଛୁ ।

**ଈଶ୍ୱରଙ୍କ ପୁତ୍ର ଓ କନ୍ୟା ହେବା ପାଇଁ ମୁକ୍ତିପ୍ରାପ୍ତ**

"କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ; ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ" (ଗାଲାତୀ ୪:୪,୫) ।

ମୁକ୍ତି ଆମକୁ ଏପରି ସ୍ଥିତିରେ ପହଞ୍ଚାଏ ଯେଉଁଥିରେ ଆମେ ସର୍ବଶକ୍ତିମାନ ଈଶ୍ୱରଙ୍କ ସନ୍ତାନ ହେବାର ବିଶେଷ ଅଧିକାର ପାଇଥାଉ । ଈଶ୍ୱର ତାଙ୍କ ସନ୍ତାନମାନଙ୍କର ବିଶେଷ ଯତ୍ନ ନିଅନ୍ତି । ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି ସେମାନେ ତାଙ୍କର ସ୍ୱତନ୍ତ୍ର ଲୋକ ହୋଇପାରିଥାନ୍ତି ।

**ରାଜା ଓ ଯାଜକ ହେବା ପାଇଁ ମୁକ୍ତିପ୍ରାପ୍ତ**

"ସେମାନେ ଗୋଟିଏ ନୂତନ ଗୀତ ଗାନ କରି କହିଲେ, ତୁମ୍ଭେ ସେହି ପୁସ୍ତକ ନେବାକୁ ଓ ସେଥିର ମୁଦ୍ରାସବୁ ଭାଙ୍ଗିବାକୁ ଯୋଗ୍ୟ ଅଟ, କାରଣ ତୁମ୍ଭେ ହତ ହୋଇଥିଲ, ପୁଣି ଆପଣା ରକ୍ତ ଦ୍ୱାରା ସମସ୍ତ ଗୋଷ୍ଠୀ, ଭାଷାବାଦୀ, ବଂଶ ଓ ଜାତି ମଧ୍ୟରୁ ଈଶ୍ୱରଙ୍କ ନିମନ୍ତେ ଲୋକମାନଙ୍କୁ କ୍ରୟ କରିଅଛ, ପୁଣି ସେମାନଙ୍କୁ ଆମ୍ଭମାନଙ୍କ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ରାଜକୁଳ ଓ ଯାଜକ କରିଦେଇଅଛ; ଆଉ ସେମାନେ ପୃଥିବୀ ଉପରେ ରାଜତ୍ୱ କରିବେ" (ପ୍ରକା ୫:୯,୧୦) ।

"ଯେଣୁ ଯଦି ଜଣକର ଅପରାଧରେ ସେହି ଜଣକ ଦ୍ୱାରା ମୃତ୍ୟୁ ରାଜତ୍ୱ କଲା, ତେବେ ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି, ସେମାନେ ଏକ ବ୍ୟକ୍ତି, ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆହୁରି ଅଧିକରୂପେ ଜୀବନରେ ରାଜତ୍ୱ କରିବେ" (ରୋମୀ ୫:୧୭) ।

ଆମେମାନେ ଆମ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ରାଜା ଓ ଯାଜକ ହେବା ପାଇଁ ମୁକ୍ତିପ୍ରାପ୍ତ ଅଟୁ । ସର୍ବୋପରିସ୍ଥ ଈଶ୍ୱରଙ୍କର ରାଜା ଓ ଯାଜକ ଭାବରେ ଆମନିମନ୍ତେ ବର୍ତ୍ତମାନ ଓ ଭବିଷ୍ୟତକାଳୀନ ସେବାକାର୍ଯ୍ୟ ରହିଛି । ଆଜି ଆମେ ପୃଥିବୀରେ ଈଶ୍ୱରଙ୍କର ସେବାକରୁ ଓ ଖ୍ରୀଷ୍ଟରେ ଆମର ଭାଇମାନଙ୍କ ପକ୍ଷରୁ ସେବାକରୁ ଏବଂ ହଜିଯାଇଥିବା ଜଗତ ପକ୍ଷରୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ଉପାସନା ଦ୍ୱାରା ସେବା କରୁ । ଆଜି ଆମର ବ୍ୟକ୍ତିଗତ

ଜୀବନରେ ଆମେ ସାମ୍ନା କରୁଥିବା ଅନେକ ପରିସ୍ଥିତି ଉପରେ ଅଧିକରୂପେ "ଜୀବନରେ ରାଜତ୍ୱ" କରିପାରୁ, କାରଣ ଈଶ୍ୱର ପୃଥିବୀରେ ଆମକୁ ତାଙ୍କର ଅଧିକାର ପ୍ରଦାନ କରିଛନ୍ତି ।

**ନିୟମର ଆଶୀର୍ବାଦ ଲାଭକରିବା ପାଇଁ ମୁକ୍ତିପ୍ରାପ୍ତ**

"ଏଥିପାଇଁ ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଅଭିଶପ୍ତ ହୋଇ ବ୍ୟବସ୍ଥାର ଅଭିଶାପରୁ ମୂଲ୍ୟ ଦେଇ ଆମ୍ଭମାନଙ୍କୁ ମୁକ୍ତ କଲେ; କାରଣ ଲେଖା ଅଛି ଯେକେହି ଖୁଣ୍ଟରେ ଟଙ୍ଗାଯାଏ, ସେ ଅଭିଶପ୍ତ" (ଗାଲାତୀ ୩:୧୪) ।

ଖ୍ରୀଷ୍ଟ ଆମମାନଙ୍କୁ ଯେଉଁ ମୁକ୍ତି ଦେଇଛନ୍ତି ତାହା ଆମମାନଙ୍କୁ ଏକ ନିୟମର ଆଶୀର୍ବାଦର ଅଂଶୀ କରାଇଥାଏ । ଈଶ୍ୱର ଅବ୍ରହାମଙ୍କୁ ଯେଉଁ ଆଶୀର୍ବାଦସମୂହ ଦେବେ ବୋଲି ପ୍ରତିଜ୍ଞା କରିଥିଲେ, ସେସବୁ ବର୍ତ୍ତମାନ ଆମେ ପାଇ ପାରୁଛୁ । ଅବ୍ରହାମଙ୍କୁ ଉଭୟ ଆତ୍ମିକ ଓ ଜାଗତିକ ଆଶୀର୍ବାଦର ପ୍ରତିଜ୍ଞା ଦିଆଯାଇଥିଲା । ସେ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୋଇଥିଲେ; ଈଶ୍ୱରଙ୍କ ବନ୍ଧୁରୂପେ ଖ୍ୟାତ ହୋଇଥିଲେ; ସେ ମଧ୍ୟ ତାଙ୍କ ପ୍ରାର୍ଥନାସବୁର ଉତ୍ତର ପାଇଥିଲେ ଏବଂ ଈଶ୍ୱର ତାଙ୍କୁ ଜାଗତିକ ଭାବେ ସମୃଦ୍ଧ କରିଥିଲେ । ଖ୍ରୀଷ୍ଟ ଯେହେତୁ ଆମକୁ ମୁକ୍ତ କରିଛନ୍ତି, ଅବ୍ରହାମଙ୍କ ସଙ୍ଗେ ଈଶ୍ୱରଙ୍କର ସେହି ନିୟମ ଯୋଗୁଁ ଈଶ୍ୱରଙ୍କ ସଙ୍ଗେ ଆମର ସହଭାଗିତା ସ୍ଥାପିତ ହୋଇଛି ଓ ଅନ୍ୟାନ୍ୟ ସବୁ ଆଶୀର୍ବାଦ ବର୍ତ୍ତମାନ ଆମେ ପାଇପାରିଛୁ ।

**ଆମର ମୁକ୍ତିର ପରିସମାପ୍ତି**

"ତାହାଙ୍କଠାରେ ତୁମ୍ଭେମାନେ ସୁଦ୍ଧା ସତ୍ୟ ବାକ୍ୟ, ଅର୍ଥାତ୍ ତୁମ୍ଭମାନଙ୍କ ପରିତ୍ରାଣର ସୁସମାଚାର ଶୁଣି ବିଶ୍ୱାସ କରି ପ୍ରତିଜ୍ଞାତ ପବିତ୍ରଆତ୍ମାଙ୍କ ଦ୍ୱାରା ମଧ୍ୟ ମୁଦ୍ରାଙ୍କିତ ହୋଇଅଛ । ଈଶ୍ୱରଙ୍କ ଗୌରବର ପ୍ରଶଂସା ନିମନ୍ତେ ତାହାଙ୍କ ନିଜସ୍ୱର ମୁକ୍ତି ଉଦ୍ଦେଶ୍ୟରେ ସେ ଆମ୍ଭମାନଙ୍କ ଅଧିକାରର ବଇନା ସ୍ୱରୂପ" (ଏଫିସୀ ୧:୧୩,୧୪) ।

"ଆଉ ଈଶ୍ୱରଙ୍କ ଯେଉଁ ପବିତ୍ରଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ମୁକ୍ତି-ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ, ତାହାଙ୍କୁ ଦୁଃଖ ଦିଅ ନାହିଁ" (ଏଫିସୀ ୪:୩୦) ।

"କାରଣ ସମସ୍ତ ସୃଷ୍ଟି ଯେ ଆଜି ପର୍ଯ୍ୟନ୍ତ ଏକସଙ୍ଗରେ ଆର୍ତ୍ତନାଦ କରୁଅଛି ଓ ପ୍ରସବବେଦନାରେ ବ୍ୟଥିତ ହେଉଅଛୁ, ଏହା ଆମ୍ଭେମାନେ ଜାଣୁ, ଆଉ, କେବଳ ତାହା ନୁହେଁ, କିନ୍ତୁ ପ୍ରଥମ ଫଳସ୍ୱରୂପେ ଆତ୍ମାଙ୍କୁ ପାଇଅଛୁ ଯେ ଆମ୍ଭେମାନେ, ଆମ୍ଭେମାନେ ନିଜେ ନିଜେ ମଧ୍ୟ ପୁତ୍ରତ୍ୱ, ଅର୍ଥାତ୍, ଆପଣା ଆପଣା ଶରୀରର ମୁକ୍ତି ନିମନ୍ତେ ଅପେକ୍ଷା କରୁ କରୁ ଆପଣା ଆପଣା ଅନ୍ତରରେ ଆର୍ତ୍ତନାଦ କରୁଅଛୁ" (ରୋମୀ ୮:୨୨,୨୩) ।

ମୁକ୍ତିର ଏକ ଅଂଶ ଆମେ ଏଯାଏଁ ଉପଭୋଗ କରି ପାରି ନାହୁଁ । ମୁକ୍ତି ଦିବସରେ ଯେତେବେଳେ ଆମର ଶରୀରସବୁ ଅମରତା ପରିଧାନ କରିବ, ସେହିଦିନ ତାହା

କାର୍ଯ୍ୟକାରୀ ହେବ । ଯାହା ପାର୍ଥିବ ଓ ଐହିକ ସେଥିରୁ ଆମେ ପରିବର୍ତ୍ତିତ ହୋଇ ଆତ୍ମିକ ଶରୀର ଧାରଣ କରିବା ।

**ଧ୍ୟାନ ନିମନ୍ତେ ପ୍ରଶ୍ନ**

୧. କେଉଁସବୁ ବିଷୟରୁ ଆମେମାନେ ମୁକ୍ତିପ୍ରାପ୍ତ ଅଟୁ ତାର ଏକ ତାଲିକା ପ୍ରସ୍ତୁତ କରନ୍ତୁ ଓ ସେସବୁ କିପରି ଆମ ଦୈନନ୍ଦିନ ଜୀବନରେ କାର୍ଯ୍ୟକାରୀ ହୋଇଥାଏ ଆଲୋଚନା କରନ୍ତୁ ।

୨. କେଉଁଥିପାଇଁ ଆମେମାନେ ମୁକ୍ତିପ୍ରାପ୍ତ ଅଟୁ ତା'ର ଏକ ତାଲିକା ପ୍ରସ୍ତୁତ କରନ୍ତୁ ଓ ସେସବୁ ଆମର ଦୈନନ୍ଦିନ ଜୀବନଯାପନରେ କିପରି ଉପଯୋଗୀ ଆଲୋଚନା କରନ୍ତୁ ।

## ୪

# ଆମର ମୁକ୍ତିଜନିକ ଆଶୀର୍ବାଦସମୂହର ଅଧିକାରୀ ହେବା

ଈଶ୍ୱର ଯେଉଁ ଜଗତର ସୃଷ୍ଟି କରିଥିଲେ ତାହା ସୁଶୃଙ୍ଖଳିତ ଓ ଉଦ୍ଦେଶ୍ୟଯୁକ୍ତ ଥିଲା । ସେ ଯାହାସବୁ ସୃଷ୍ଟି କରିଛନ୍ତି ସେସବୁ ଅନେକ ନିୟମ (ବା ନୀତି) ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏହିସବୁ ନିୟମ ହିଁ ଈଶ୍ୱରଙ୍କ ସୃଷ୍ଟିକୁ ସୁଶୃଙ୍ଖଳିତ କରି ରଖିଛି । ବିଦ୍ୟୁତ୍, କୃଷି, ମାଧ୍ୟାକର୍ଷଣ ଶକ୍ତି, ଇତ୍ୟାଦି ବିଷୟରେ ଅନେକ ନିୟମ ରହିଛି । ଏହି ଗ୍ରହରେ ଆମର ସ୍ୱାଭାବିକ ଜୀବନ ଯାତ୍ରାରେ ଆମେ ଈଶ୍ୱରଙ୍କ ଦ୍ୱାରା ପ୍ରବର୍ତ୍ତିତ ନିୟମଗୁଡ଼ିକୁ ବ୍ୟବହାର କରିଥାଉ । ତେବେ ଆମେ କେବଳ ଗୋଟିଏ ନିୟମକୁ ନେଇ ବଞ୍ଚି ନ ଥାଉ । ବରଂ, ପ୍ରକୃତିର ନିୟମଗୁଡ଼ିକର ଲାଭ ଉଠାଉଥିବାରୁ ଆମର ବଞ୍ଚି ରହିବା ସମ୍ଭବ ହୋଇଛି ।

ଅଦୃଶ୍ୟ ଜଗତରେ, ଅର୍ଥାତ୍ ଆତ୍ମିକ ଜଗତରେ ମଧ୍ୟ ବିଷୟସବୁରେ ସେପରି ଭିନ୍ନତା ନାହିଁ । କହିବାକୁ ଗଲେ ଉଭୟ ଜଗତ ମଧ୍ୟରେ ଅନେକ ସମାନ୍ତରାଳ ବିଷୟ ରହିଛି । ପ୍ରାକୃତିକ ଜଗତ ଆତ୍ମିକ ଜଗତକୁ ପ୍ରକାଶ କରେ (ରୋମୀ ୧:୨୦) । ତେଣୁକରି, ଆମେ ବୁଝିବା ଉଚିତ ଯେ, ସାଧାରଣ ଭାବରେ, ଆତ୍ମିକ ଜଗତ, ବିଶେଷ କରି ଈଶ୍ୱରଙ୍କ ରାଜ୍ୟ ଆତ୍ମିକ ନିୟମସବୁ (ବା ନୀତିଗୁଡ଼ିକ) ଦ୍ୱାରା ପରିଚାଳିତ । ପ୍ରାକୃତିକ ପୃଥିବୀ ଯେପରି ଅନେକ ନିୟମଦ୍ୱାରା ପରିଚାଳିତ, ସେହିପରି ଈଶ୍ୱରଙ୍କ ସୃଷ୍ଟ ଆତ୍ମିକ ଜଗତ ମଧ୍ୟ ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ଆତ୍ମିକ ନିୟମସବୁ ଦ୍ୱାରା ପରିଚାଳିତ ।

ଖ୍ରୀଷ୍ଟଙ୍କଠାରେ ଆମେମାନେ ସ୍ୱର୍ଗରେ (ଆତ୍ମିକ ରାଜ୍ୟରେ) ସମସ୍ତ ଆତ୍ମିକ ଆଶୀର୍ବାଦ ଲାଭ କରିଅଛୁ (ଏଫିସୀ ୧:୩) । ସମସ୍ତ ଆଶୀର୍ବାଦ ମଧ୍ୟରୁ ଗୋଟିଏ ଆଶ୍ଚର୍ଯ୍ୟ ଆଶୀର୍ବାଦ ହେଉଛି ମୁକ୍ତି । ପ୍ରଭୁ ଆମମାନଙ୍କୁ ମୁକ୍ତ କରିଅଛନ୍ତି । ମୁକ୍ତି ହେଉଛି ଏକ ଆତ୍ମିକ ଆଶୀର୍ବାଦ, ଯାହା ଆତ୍ମିକ ଜଗତ ସ୍ୱର୍ଗରେ ଆମମାନଙ୍କୁ ଦିଆଯାଇଛି (ହୁଏତ ଆମେ ଏପରି ବୁଝିପାରୁ- ଆମର ଆତ୍ମିକ ବ୍ୟାଙ୍କ୍ ଆକାଉଣ୍ଟରେ ଈଶ୍ୱର ଏହି ଆଶୀର୍ବାଦ ଜମା କରିଦେଇଛନ୍ତି ଓ ସେଥିରୁ ଉଠାଣ କରିବାର ଅଧିକାର ବି ଦେଇଛନ୍ତି । ଏହାକୁ ନେଇ ଆମେ ଉପଭୋଗ କରିପାରିବା) । ଆମେ ଏହି ପ୍ରସଙ୍ଗକୁ ନେଇ ଅଧ୍ୟୟନ କରିଛୁ ଏବଂ ବୁଝିପାରିଛୁ ମୁକ୍ତି କ'ଣ ଓ ଏହାଦ୍ୱାରା ଆମେ କେଉଁସବୁ ଆଶୀର୍ବାଦର ଅଧିକାରୀ

ହୋଇଛୁ । ଆତ୍ମିକ ଆଶୀର୍ବାଦସବୁ ପ୍ରାକୃତିକ କ୍ଷେତ୍ରରେ କିପରି ପ୍ରକାଶ ପାଏ ତାହା ବୁଝିବା ଆମ ନିମନ୍ତେ ଆହ୍ୱାନକାରୀ ଅଟେ । ପାର୍ଥିବ ଜୀବନରେ ଈଶ୍ୱର ଦେଇଥିବା ଆତ୍ମିକ ଆଶୀର୍ବାଦସମୂହକୁ ଆମେ କିପରି ଅନୁଭବ କରିପାରିବା ?

ଆମେମାନେ ଉଭୟ ପ୍ରାକୃତିକ ଓ ଆତ୍ମିକ ଜଗତରେ କର୍ମ ସମ୍ପାଦନ କରିଥାଉ । ତେଣୁ ଆମେ ଆତ୍ମିକ ବିଷୟ ଆହରଣ କରି ପ୍ରାକୃତିକ ଜଗତରେ ତାହା ପ୍ରକାଶ ଓ ଅନୁଭବ କରିଥାଉ । ଉଦାହରଣ ସ୍ୱରୂପ, ସ୍ୱର୍ଗୀୟ ଆରୋଗ୍ୟ ଓ ସ୍ୱାସ୍ଥ୍ୟ ଆତ୍ମିକ ଆଶୀର୍ବାଦ, ଯାହା ଈଶ୍ୱର ଦେଇଥାନ୍ତି । ସେହି ଆତ୍ମିକ ଆଶୀର୍ବାଦକୁ ଆମେ ଗ୍ରହଣ କରୁ ଓ ଆମ ଶରୀରରେ ସୁସ୍ଥତା ଲାଭ କରୁ ଓ ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହେଉ । ତଥାପି, ଅନେକ ନିୟମ (ବା ନୀତିଗୁଡ଼ିକ) ଈଶ୍ୱର ସ୍ଥାପନ କରିଛନ୍ତି ଯାହା ଆତ୍ମିକ ଆଶୀର୍ବାଦକୁ ପ୍ରାକୃତିକ କ୍ଷେତ୍ରରେ ପ୍ରକାଶିତ କରିବା ନିମନ୍ତେ ଏକ ପ୍ରକ୍ରିୟାକୁ ପରିଚାଳିତ କରେ, ଯେପରି କି ଆମେ ସେଗୁଡ଼ିକୁ ସ୍ପଷ୍ଟରୂପେ ଉପଭୋଗ କରିପାରୁ । ଏଠାରେ ଆମେ ସେଗୁଡ଼ିକ ମଧ୍ୟରୁ କେତୋଟି ନୀତି ବିଷୟରେ ଆଲୋଚନା କରିବା ।

**ପ୍ରକାଶିତ ଜ୍ଞାନ ପ୍ରସଙ୍ଗ**

"ଅତଏବ, ଯୀଶୁ ତାହାଙ୍କୁ ବିଶ୍ୱାସ କରୁଥିବା ଯିହୂଦୀମାନଙ୍କୁ କହିଲେ, ଯଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ, ତେବେ ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ, ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ" (ଯୋହନ ୮:୩୧,୩୨) ।

ନିୟମ ପ୍ରକାରେ, ଆତ୍ମିକ ସତ୍ୟକୁ ଅନୁଭବ କରିବା ପୂର୍ବରୁ ଜାଣିବା ଆବଶ୍ୟକ (ଅବଶ୍ୟ ଏଥିରେ କିଛି ବ୍ୟତିକ୍ରମ ରହିଛି) । ଜଗତରେ ଥିବା ଅନେକ ମଣ୍ଡଳୀରେ ଦେଖାଯାଏ ଯେ ଲୋକମାନଙ୍କୁ ସତ୍ୟଜ୍ଞାନ ଦିଆଯାଏ ନାହିଁ । ଅନେକ ପ୍ରଚାରକ ସେମାନଙ୍କ ସମ୍ପ୍ରଦାୟ ସମ୍ପର୍କିତ ସମ୍ବାଦ ପରିବେଷଣ କରିଥାନ୍ତି । ବେଳେବେଳେ ଆମେ ଏତେ 'ବୁଦ୍ଧିଜୀବୀ' ହୋଇଯାଉ ଯେ ଆମେ ସତ୍ୟକୁ ଦୂରେଇ ରଖି ଯାହା ଯୁକ୍ତିଯୁକ୍ତ ଓ ତର୍କସଙ୍ଗତ ତାକୁ ଉପସ୍ଥାପିତ କରିଥାଉ । ଅଜ୍ଞତା ହେତୁ ହେଉ ବା ବିଭ୍ରାନ୍ତିକର ବୌଦ୍ଧିକତା ହେତୁ ହେଉ, ଯଦି ଲୋକମାନେ ସତ୍ୟଜାଣିବାରୁ ବଞ୍ଚିତ ହୁଅନ୍ତି ତେବେ ଈଶ୍ୱର ସେମାନଙ୍କ ନିମନ୍ତେ ରଖିଥିବା ଆଶୀର୍ବାଦସମୂହକୁ ସେମାନେ ଅନୁଭବ କରିପାରିବେ ନାହିଁ । ଖ୍ରୀଷ୍ଟିୟାନଭାବରେ ଆମେ ସତ୍ୟ ଜାଣିବା ନିମନ୍ତେ ବାଞ୍ଛା କରିବା, କାରଣ ସତ୍ୟ ଜାଣିବା ହିଁ ପ୍ରଥମ ପଦକ୍ଷେପ ଯଦ୍ଦ୍ୱାରା ଆମେ ଏହାକୁ ଅନୁଭବ କରିପାରିବା ।

**ଜ୍ଞାନର ଅଭାବ**

"ଆମ୍ଭର ଲୋକମାନେ ଜ୍ଞାନର ଅଭାବ ସକାଶୁ ବିନଷ୍ଟ ହୋଇଅଛନ୍ତି" (ହୋଶେୟ ୪:୬କ) ।

ଜ୍ଞାନର ଅଭାବ ସକାଶୁ ଆମମାନଙ୍କ ନିମନ୍ତେ ରହିଥିବା ଆତ୍ମିକ ଆଶୀର୍ବାଦସବୁକୁ ଆମେ ଅନୁଭବ କରିପାରୁ ନ ଥାଉ । ଆମର କେଉଁ ବିଷୟ ନାହିଁ ତାହା ମଧ୍ୟ ଆମେ ଜାଣିପାରି ନ ଥାଉ । ଯଦି ଆମେ ମୁକ୍ତି ସମ୍ପର୍କୀୟ ସତ୍ୟ ଜାଣୁନାହୁଁ, ତେବେ ଶୟତାନ ଆମ ଅଜ୍ଞତାର ଫାଇଦା ଉଠାଇବ ଓ ଆମକୁ ତାର ବନ୍ଦୀ କରି ରଖିବ । ଆମେ ଯେ ମୁକ୍ତ ହୋଇପାରିବା ଏହା ମଧ୍ୟ ଆମେ ଜାଣି ନ ପାରୁ । ସେଥିପାଇଁ ଆମେ ସତ୍ୟ ଜାଣିବା ନିହାତି ଆବଶ୍ୟକ ।

**ପ୍ରକାଶନର ଅଭାବ**

"ଯେପରି ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଈଶ୍ୱର, ଗୌରବମୟ ପିତା, ତାହାଙ୍କ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଜ୍ଞାନ ପାଇବା ନିମନ୍ତେ ତୁମ୍ଭମାନଙ୍କୁ ଜ୍ଞାନ ଓ ପ୍ରତ୍ୟାଦେଶର ଆତ୍ମା ପ୍ରଦାନ କରନ୍ତି; ସେଥିରେ ତୁମ୍ଭମାନଙ୍କ ଆନ୍ତରିକ ଚକ୍ଷୁ ପ୍ରସନ୍ନ ହୁଅନ୍ତେ ତାହାଙ୍କ ଆହ୍ୱାନର ଭରସା କଅଣ, ପୁଣି ବିଶ୍ୱାସୀ ଯେ ଆମ୍ଭେମାନେ, ତାହାଙ୍କ ଶକ୍ତିର କାର୍ଯ୍ୟସାଧକ ପରାକ୍ରମ ଅନୁସାରେ ଆମ୍ଭମାନଙ୍କ ପ୍ରତି ତାହାଙ୍କ ଶକ୍ତିର ଅତ୍ୟଧିକ ମହତ୍ୱ କ'ଣ, ଏହିସବୁ ଜାଣି ପାର" (ଏଫିସୀ ୧:୧୭-୧୯) ।

ଆତ୍ମିକ ଜ୍ଞାନ ଆତ୍ମିକ ଆଲୋକ ପ୍ରାପ୍ତ ହେଲେ ହିଁ ଆସିଥାଏ । ମଧୁର ପବିତ୍ର ଆତ୍ମା - ଜ୍ଞାନ ଓ ପ୍ରତ୍ୟାଦେଶର ଆତ୍ମା - ଆତ୍ମିକ ସତ୍ୟ ବୁଝିବା ପାଇଁ ଆମକୁ ଆଲୋକ ପ୍ରଦାନ କରନ୍ତି । ସ୍ୱାଭାବିକ ମନର ଯୁକ୍ତିତର୍କ ଓ ଚିନ୍ତା କରିବାପାଇଁ ସ୍ୱାଭାବିକ ସାମର୍ଥ୍ୟ ରହିଥାଏ । ଏହା ପବିତ୍ର ଆତ୍ମାଙ୍କ ଦ୍ୱାରା ଆଲୋକିତ ହେବା ଆବଶ୍ୟକ । ପବିତ୍ର ଆତ୍ମା ତାହାଙ୍କ ଜ୍ଞାନ ଓ ପ୍ରକାଶନ (ସତ୍ୟର ପ୍ରକଟିକରଣ) ଆମ ହୃଦୟରେ (ଆତ୍ମାରେ) ପ୍ରଦାନ କରିବା ଆବଶ୍ୟକ । ଏହି ଜ୍ଞାନ ଓ ପ୍ରକାଶନ ଆମର ଆତ୍ମାରୁ ନିର୍ଗତ ହୋଇ ଆମ ମନର ବୁଦ୍ଧିମତ୍ତା ଓ ବିଚାରଶକ୍ତିକୁ ନିର୍ଦ୍ଦେଶ ଦେଇଥାଏ । ସେଥିପାଇଁ ଆମର ଆନ୍ତରିକ ଚକ୍ଷୁ ପ୍ରସନ୍ନ ହୁଏ ଏବଂ ଆମେ ତାହାଙ୍କୁ ଜାଣିପାରୁ ଓ ସେ ଆମନିମନ୍ତେ ଯେଉଁସବୁ ଆଶୀର୍ବାଦ ରଖିଛନ୍ତି ତାହା ବୁଝିପାରୁ ।

ସମସ୍ୟା ସୃଷ୍ଟି ହୁଏ ଯେତେବେଳେ ଆମେ ଆମ ମନର ସ୍ୱାଭାବିକ ସାମର୍ଥ୍ୟକୁ ଉପଯୋଗ କରି ଆତ୍ମିକ ସତ୍ୟସମୂହକୁ ପବିତ୍ରଆତ୍ମାଙ୍କର ଆଲୋକବିନା ବିଚାର କରିବାକୁ ଓ ବୁଝିବାକୁ ଚେଷ୍ଟା କରୁ । ଏହି କ୍ଷେତ୍ରରେ ଆମେ ଏପରି ଜ୍ଞାନ ପାଇଥାଉ ଯାହା ସତ୍ୟ ବିବର୍ଜିତ ଥାଏ । ଏହିପରି ଜ୍ଞାନ ସ୍ୱାଭାବିକ ମନକୁ ସ୍ପର୍ଶ କରିପାରେ, କିନ୍ତୁ ବ୍ୟକ୍ତିବିଶେଷକୁ ମୁକ୍ତି ଦେଇପାରେ ନାହିଁ । ଈଶ୍ୱରଙ୍କର ଆଶ୍ଚର୍ଯ୍ୟ ଶକ୍ତିକୁ ଅନୁଭବ କରିବାରେ ଏହା ସାହଯ୍ୟ କରିବ ନାହିଁ ।

**ମନୁଷ୍ୟମାନଙ୍କ ପରମ୍ପରାଗତ ରୀତିନୀତି**

"ତୁମ୍ଭେମାନେ ଈଶ୍ୱରଙ୍କ ଆଜ୍ଞା ପରିତ୍ୟାଗ କରି ମନୁଷ୍ୟମାନଙ୍କ ପରମ୍ପରାଗତ ରୀତିନୀତି ଧରି ବସିଅଛ । ପୁଣି, ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ଆପଣା ଆପଣା ପରମ୍ପରାଗତ ରୀତିନୀତି ପାଳନ କରିବା ନିମନ୍ତେ ଈଶ୍ୱରଙ୍କ ଆଜ୍ଞା ବେଶ୍ ଅଗ୍ରାହ୍ୟ କରୁଅଛ । ଏହିରୂପେ ତୁମ୍ଭେମାନେ ସ୍ୱପ୍ରଚଳିତ ପରମ୍ପରାଗତ ରୀତିନୀତି ଯୋଗୁଁ ଈଶ୍ୱରଙ୍କ ବାକ୍ୟ ବ୍ୟର୍ଥ କରୁଅଛ ଓ ସେହି ପ୍ରକାର ଅନେକ କର୍ମ କରୁଅଛ" (ମାର୍କ ୭:୮,୯,୧୩) ।

"ସାବଧାନ, କାଳେ କେହି ଖ୍ରୀଷ୍ଟଙ୍କ ଶିକ୍ଷାର ଅସଙ୍ଗତ ମନୁଷ୍ୟର ପରମ୍ପରାଗତ ଓ ଜଗତର ପ୍ରାଥମିକ ଶିକ୍ଷାନୁଯାୟୀ ଦର୍ଶନବିଦ୍ୟା ଓ ନିରର୍ଥକ ପ୍ରତାରଣା ଦ୍ୱାରା ତୁମ୍ଭମାନଙ୍କୁ ବନ୍ଦୀ କରିନିଏ" (କଲସୀ ୨:୮) ।

ପରମ୍ପରା କିଛି ମନ୍ଦ ନୁହେଁ । ଉତ୍ତମ ପରମ୍ପରାସବୁ ରହିଛି- ଯେଉଁସବୁ ଶିକ୍ଷା ଓ ଅଭ୍ୟାସ ଆମେ ଅନ୍ୟମାନଙ୍କଠାରୁ ପାଇଛୁ, ସେସବୁକୁ ଆମେ ଚାଲୁ ରଖିବା ଉଚିତ । ଥେସଲନୀକୀୟ ମଣ୍ଡଳୀକୁ ପ୍ରେରିତ ପାଉଲ କହିଲେ, "ଆମ୍ଭମାନଙ୍କ ବାକ୍ୟ କିମ୍ବା ପତ୍ରଦ୍ୱାରା ତୁମ୍ଭେମାନେ ଯେଉଁ ଶିକ୍ଷା ପ୍ରାପ୍ତ ହୋଇଅଛ, ସେହିସବୁ ଧରି ରଖ" (୨ଥେସ ୨:୧୫) । ସେ ମଧ୍ୟ କହନ୍ତି, "ଯେକୌଣସି ଭାଇ ଆମ୍ଭମାନଙ୍କଠାରୁ ପ୍ରାପ୍ତ ଶିକ୍ଷା ଅନୁସାରେ ଆଚରଣ ନ କରି ଅବିହିତ ଆଚରଣ କରେ, ତାହାଠାରୁ ଆପଣା ଆପଣାକୁ ପୃଥକ୍ କର" (୨ଥେସ ୩:୬) । ତଥାପି, ଆମେ ଏକ ବ୍ୟକ୍ତିଗତ ପ୍ରକାଶନ/ ଜ୍ଞାନ ପାଇଥିବା ଆବଶ୍ୟକ ଯାହାକୁ ଆମେ ଅନୁସରଣ କରୁଛୁ ବା ଶିକ୍ଷା ଦେଉଛୁ । ଏହା ଧାର୍ମିକ ପରମ୍ପରାଗୁଡ଼ିକୁ ଜୀବନ ଓ ଶକ୍ତି ପ୍ରଦାନ କରିବ ।

ଅନ୍ୟପକ୍ଷରେ, ଅନେକ ଶିକ୍ଷା ଓ ଅଭ୍ୟାସ ରହିଛି ଯାହା "ମନୁଷ୍ୟମାନଙ୍କର ପରମ୍ପରାଗତ ରୀତିନୀତି", ଏସବୁ ଈଶ୍ୱରଙ୍କ ବାକ୍ୟର ଶକ୍ତିକୁ ବ୍ୟର୍ଥ କରେ । ସେସବୁ ହୁଏତ ବିଭିନ୍ନ ସମ୍ପ୍ରଦାୟର ବିଭିନ୍ନ ଶିକ୍ଷା/ ଅଭ୍ୟାସସମୂହ, ସାଂସ୍କୃତିକ ଦର୍ଶନ ବିଦ୍ୟା/ ଅଭ୍ୟାସ ସମୂହ, ଇତ୍ୟାଦି ଯାହାସବୁ ମଣ୍ଡଳୀ ମଧ୍ୟରେ ପ୍ରବେଶ କରି ଈଶ୍ୱରଙ୍କ ଲୋକମାନଙ୍କୁ ବନ୍ଦୀ କରି ରଖିଛି । ପ୍ରଭୁଙ୍କ ସେବକମାନେ ସତ୍ୟ ବାକ୍ୟ ପ୍ରଚାର କରି ସେସବୁ ପରମ୍ପରାଗତ ରୀତିନୀତିକୁ ଦୂର କରିବା ଓ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ସତ୍ୟରେ ଆଚରଣ କରିବାରେ ସାହାଯ୍ୟ କରିବା ଉଚିତ । ଖ୍ରୀଷ୍ଟିୟାନ ଭାବରେ ବିଭିନ୍ନ ପରମ୍ପରାଗତ ରୀତିନୀତି, ଯେତେ ପ୍ରିୟ ହେଲେ ମଧ୍ୟ, ସେସବୁର ଉର୍ଦ୍ଧ୍ୱରେ ଆମେ ସତ୍ୟକୁ ମନୋନୀତ କରିବାକୁ ହେବ ।

**ସତ୍ୟକୁ ମନୋନୀତ କରିବା**

ଆମ ମୁକ୍ତିର ଆଶୀର୍ବାଦସମୂହକୁ ଲାଭ କରିବାର ପ୍ରଥମ ପଦକ୍ଷେପ ହେଉଛି ସତ୍ୟର ଅନ୍ୱେଷଣ କରିବା, ଜାଣିବା ଓ ଏହାକୁ ଗ୍ରହଣ କରିବା । ଯଦି ଆମେ ଆମ ମୁକ୍ତିଜନିତ ଆଶୀର୍ବାଦସମୂହ ସମ୍ପର୍କିତ ସତ୍ୟକୁ ଜାଣିନାହୁଁ, ଏହାକୁ ଆମେ ଅନୁଭବ କରିପାରିବା ନାହିଁ । ସତ୍ୟକୁ ଜାଣିବା ପବିତ୍ର ଆତ୍ମାଙ୍କ ଆଲୋକ ପ୍ରଦାନକାରୀ କାର୍ଯ୍ୟ ଯୋଗୁଁ ସମ୍ଭବ ହୋଇଥାଏ । ସେଥିପାଇଁ, ଆମେ ଆମ ଜୀବନରେ ତାହାଙ୍କ ସେବାକାର୍ଯ୍ୟକୁ ମନୋନୀତ କରିବା ଆବଶ୍ୟକ । ଯଦି ଆମର ସାମ୍ପ୍ରଦାୟିକ ବା ସାଂସ୍କୃତିକ ପରମ୍ପରାଗତ ରୀତିନୀତି ଈଶ୍ୱରଙ୍କ ବାକ୍ୟର ପରିପନ୍ଥୀ, ତେବେ ଆମେ ସେସବୁ ପରମ୍ପରାକୁ ପରିତ୍ୟାଗ କରିବାକୁ ଚାହିଁବା ।

**ଈଶ୍ୱରଙ୍କ ସଙ୍ଗତିରେ ଚାଲିବା**

"ଯେଉଁ ଜନ ସର୍ବୋପରିସ୍ଥଙ୍କ ଆବୃତ ସ୍ଥାନରେ ବାସ କରେ, ସେ ସର୍ବଶକ୍ତିମାନଙ୍କ ଛାୟା ତଳେ ବସତି କରିବ" (ଗୀତ ୯୧:୧) ।

ଯେତେବେଳେ ଆମେ ଈଶ୍ୱରଙ୍କ ସାନିଧ୍ୟରେ ଗମନାଗମନ କରିବା ଈଶ୍ୱରଙ୍କ ପ୍ରତିଜ୍ଞାସବୁର ସଫଳ ହେବା ବିଷୟରେ ଆମେ ନିଶ୍ଚିତ ହୋଇ ପାରିବା । ସର୍ବୋପରିସ୍ଥଙ୍କ ବାସସ୍ଥାନ ଏକ ଗୁପ୍ତସ୍ଥାନ । ଏପରି ଏକ ସ୍ଥାନରେ ସେ ବାସ କରନ୍ତି । ଏଠାରେ ତାଙ୍କର ଉପସ୍ଥିତି ରହିଛି । ଏହା ହିଁ ଈଶ୍ୱରଙ୍କ ସଙ୍ଗେ ଆମ ସହଭାଗିତାର ସ୍ଥାନ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସାନିଧ୍ୟରେ ବାସ କରେ (ନିରନ୍ତର ବାସ କରେ), ଅର୍ଥାତ୍ ଯେ ସବୁସମୟରେ ଈଶ୍ୱରଙ୍କ ସଙ୍ଗେ ସହଭାଗିତା ରକ୍ଷା କରି ଚାଲେ, ସେ ତାହାଙ୍କର ଆଚ୍ଛାଦନକାରୀ ଛାୟା ତଳେ ବିଶ୍ରାମ କରିବ ଅର୍ଥାତ୍ ସର୍ବଶକ୍ତିମାନଙ୍କର ସମ୍ପୂର୍ଣ୍ଣ ସୁରକ୍ଷା ଓ ନିରୀକ୍ଷଣ ମଧ୍ୟରେ ରହିବ । ଏପରି ବ୍ୟକ୍ତି ଗୀତ ୯୧ରେ ବର୍ଣ୍ଣିତ ସମସ୍ତ ଆଶୀର୍ବାଦ ପ୍ରାପ୍ତ ହେବ । ଏସବୁ ଆଶୀର୍ବାଦ ଆମର ମୁକ୍ତିଜନିତ ଆଶୀର୍ବାଦସମୂହ । ଆମେ ଯଦି ତାଙ୍କ ପ୍ରତିଜ୍ଞାଗୁଡ଼ିକୁ ପ୍ରାପ୍ତ ହେବା ଓ ସେ ଯେଉଁ ମୁକ୍ତି ପ୍ରଦାନ କରିଛନ୍ତି ତଜ୍ଜନିତ ସମସ୍ତ ଆଶୀର୍ବାଦ ପାଇବାକୁ ଚାହିଁବା ତା' ହେଲେ ଆମେମାନେ ଈଶ୍ୱରଙ୍କ ସଙ୍ଗେ ସହଭାଗିତାରେ ଚାଲିବା ଆବଶ୍ୟକ ।

**ଧାର୍ମିକତାରେ ଆଚରଣ କରିବା**

"ଯେକେହି ଈଶ୍ୱରଙ୍କଠାରୁ ଜାତ, ସେ ଯେ ପାପ କରେ ନାହିଁ, ବରଞ୍ଚ ସେ ଈଶ୍ୱରଙ୍କଠାରୁ ଜାତ ହୋଇ ଆପଣାକୁ ରକ୍ଷା କରେ, ଆଉ ପାପାତ୍ମା ତାହାକୁ ସ୍ପର୍ଶ କରେ ନାହିଁ, ଏହା ଆମ୍ଭେମାନେ ଜାଣୁ" (୧ଯୋହନ ୫:୧୮) ।

“ତହିଁରେ ସଦାପ୍ରଭୁ କୟିନଙ୍କୁ କହିଲେ, ତୁମ୍ଭେ କାହିଁକି କ୍ରୋଧ କରୁଅଛ ? ଆଉ କାହିଁକି ଅଧୋମୁଖ ହେଉଅଛ ? ସତ୍କର୍ମ କଲେ କି ତୁମ୍ଭେ ଉର୍ଦ୍ଧ୍ୱମୁଖ ହେବ ନାହିଁ ? ସତ୍କର୍ମ ନ କଲେ, ପାପ ଦ୍ୱାରରେ ଛକିଥାଏ; ତୁମ୍ଭ ପ୍ରତି ତାହାର ବାସନା ରହିବ, ମାତ୍ର ତୁମ୍ଭେ ତାହା ଉପରେ କର୍ତ୍ତୃତ୍ୱ କରିବ” (ଆଦି ୪:୬,୭) ।

ଧାର୍ମିକ ଜୀବନଯାପନ କରିବା ଦ୍ୱାରା ଆମେ ଈଶ୍ୱରଙ୍କ ଛାୟା ତଳେ, ଅର୍ଥାତ୍ ଈଶ୍ୱରଙ୍କ ସୁରକ୍ଷା ବଳୟରେ ଆମେ ରହୁ । ପ୍ରଭୁ ଯୀଶୁ ଆମକୁ ସୁରକ୍ଷିତ ରଖନ୍ତି ଏବଂ ଶୟତାନ ଆମର କିଛି କ୍ଷତି କରିପାରେ ନାହିଁ । ଆମେ ଯଦି ପାପ କରି ଚାଲୁ ତେବେ ଶୟତାନର କାର୍ଯ୍ୟ ପରିସର ମଧ୍ୟକୁ ଆମେ ଚାଲିଯାଉ । ପ୍ରଭୁ କୟିନଙ୍କୁ କହିଲେ ଯେ ସତ୍କର୍ମ ନ କଲେ, ପାପ ଦ୍ୱାରରେ ଛକି ବସିଥାଏ । ତେବେ ଈଶ୍ୱର ଆମକୁ ଶକ୍ତିମନ୍ତ କରିଛନ୍ତି ଦ୍ୱାରକୁ ବନ୍ଦ ରଖିବାକୁ । ଏଥିପାଇଁ ଆମେ ସତ୍କର୍ମ କରିବା ଆବଶ୍ୟକ ।

**ଈଶ୍ୱରଙ୍କଠାରେ ବିଶ୍ୱାସ ରଖିବା**

“କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ ଯେବେ କାହାରି ଜ୍ଞାନର ଅଭାବ ଥାଏ, ତେବେ ଯେଉଁ ଈଶ୍ୱର ଦୋଷ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି, ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରୁ, ସେଥିରେ ତାହାକୁ ଦିଆଯିବ । କିନ୍ତୁ ସେ କିଛିମାତ୍ର ସନ୍ଦେହ ନ କରି ବିଶ୍ୱାସ ସହ ପ୍ରାର୍ଥନା କରୁ, କାରଣ ଯେ ସନ୍ଦେହ କରେ, ସେ ବାୟୁରେ ଇତସ୍ତତଃ ଚାଳିତ ସମୁଦ୍ରର ତରଙ୍ଗ ସଦୃଶ । ସେପରି ଲୋକ ପ୍ରଭୁଙ୍କଠାରୁ କିଛି ପାଇବ ବୋଲି ମନେ ନ କରୁ” (ଯାକୁବ ୧:୫-୭) ।

ଆମର ମୁକ୍ତି ସମ୍ବନ୍ଧିତ ସତ୍ୟ ଜାଣିବା ପରେ ଅର୍ଥାତ୍ ଏହା କ'ଣ ଓ ଏହାଦ୍ୱାରା ଆମେ କେଉଁସବୁ ଆଶୀର୍ବାଦ ପାଉ ଜ୍ଞାତ ହେବା ପରେ, ଆମେ ଈଶ୍ୱରଙ୍କ ସଙ୍ଗେ ସହଭାଗିତା ରକ୍ଷା କରି ଧାର୍ମିକତାରେ ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କଠାରେ ବିଶ୍ୱାସ କରିବାକୁ ହେବ ଯେପରି ତାଙ୍କର ବାକ୍ୟ ବାସ୍ତବରୂପେ ପ୍ରକାଶିତ ହୁଏ । ବିଶ୍ୱାସ ଦ୍ୱାରା ଆମେ ଈଶ୍ୱରଙ୍କଠାରୁ ଅନେକ ବିଷୟ ପ୍ରାପ୍ତ ହୋଇଥାଉ ।

ଈଶ୍ୱର ଆମମାନଙ୍କୁ ଆତ୍ମିକ ଜଗତରୁ ଯାହା ଦିଅନ୍ତି ତାକୁ ବିଶ୍ୱାସ ଦ୍ୱାରା ଗ୍ରହଣ କରି ଆମେ ପ୍ରାକୃତିକ ଜଗତରେ କାର୍ଯ୍ୟକାରୀ କରିଥାଉ । ବିଶ୍ୱାସର କାର୍ଯ୍ୟକାରିତା ନିମନ୍ତେ କେତେକ ନୀତି ରହିଛି । ଈଶ୍ୱରଙ୍କ ବାକ୍ୟ ଦ୍ୱାରା ବିଶ୍ୱାସ ଜନ୍ମେ । ଆମ ହୃଦୟରେ ଯଦି ବିଶ୍ୱାସ ଜନ୍ମେ । ଆମ ହୃଦୟରେ ଯଦି ବିଶ୍ୱାସ ରହିଛି ଆମେ ଅଧିକାରର ସହିତ ଆମମାନଙ୍କ ଜୀବନର ପରିସ୍ଥିତିସବୁକୁ ଆଜ୍ଞା ଦେଇପାରିବା, ଯେପରି କି ସେସବୁ ଈଶ୍ୱରଙ୍କ ବାକ୍ୟ ଅନୁସାରେ ସଜାଇ ହୋଇ ରହିବେ । ଆମ ହୃଦୟର ବିଶ୍ୱାସ ଥିଲେ ଆମେ ଅସୁସ୍ଥତାକୁ ଛାଡ଼ି ଚାଲିଯିବା ପାଇଁ ଆଜ୍ଞା ଦେଇପାରିବା, କାରଣ ଯୀଶୁ ଆମମାନଙ୍କୁ ଅସୁସ୍ଥତା ଓ ପୀଡ଼ାରୁ ମୁକ୍ତ କରିଛନ୍ତି । ଈଶ୍ୱରଙ୍କ ପ୍ରତିଜ୍ଞା ରହିଛି ଯେ ସେ ଆମକୁ ଐଶ୍ୱର୍ଯ୍ୟ ପାଇବାର

ସାମର୍ଥ୍ୟ ଦେବେ (ଦ୍ୱି.ବିବ ୮:୧୮) । ଏହି ପ୍ରତିଜ୍ଞାରେ ବିଶ୍ୱାସ କଲେ ଆମେ ରୋଜଗାର କରିବାପାଇଁ ଉପଯୁକ୍ତ ଚାକିରୀ ପାଇପାରିବା । ଆମ ହୃଦୟରେ ବିଶ୍ୱାସ ରହିଲେ ଆମ ଗୃହ ଓ ପରିବାରସବୁରେ ଆମେ ଶାନ୍ତି ଓ ସଂହତି ରକ୍ଷା କରିପାରିବା । ଯୀଶୁ କହନ୍ତି, "ଯଦି ତୁମ୍ଭମାନଙ୍କର ବିଶ୍ୱାସ ଥାଏ.....କିଛି ହିଁ ତୁମ୍ଭମାନଙ୍କର ଅସାଧ ହେବ ନାହିଁ" (ମାଥିଉ ୧୭:୨୦) । ଅନ୍ୟପକ୍ଷରେ, ଧର୍ମଶାସ୍ତ୍ର ଯେପରି କହେ ବିଶ୍ୱାସ ବିନା ଈଶ୍ୱରଙ୍କଠାରୁ କୌଣସି ବିଷୟ ଆମେ ପାଇପାରିବା ନାହିଁ । ଆମେମାନେ ଯେଉଁ ସତ୍ୟ ସମ୍ବନ୍ଧରେ ଶିକ୍ଷା ପ୍ରାପ୍ତ ହୋଇଛୁ ସେଥିରେ ବିଶ୍ୱାସ ନ କଲେ, ସେହି ସତ୍ୟ ଜାଣିଥିଲେ ସୁଦ୍ଧା ଆମେ ତାକୁ ଅନୁଭବ କରିପାରିବା ନାହିଁ ।

### ଶତ୍ରୁର ପ୍ରତିରୋଧ କରିବା

"ସଚେତନ ହୋଇ ଜାଗ୍ରତ ରୁହ । ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହପ୍ରାୟ ଗର୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି । ବିଶ୍ୱାସରେ ସ୍ଥିର ରହି ତାହାର ପ୍ରତିରୋଧ କର, ପୁଣି ଏହା ଜାଣ ଯେ, ଜଗତରେ ଥିବା ତୁମ୍ଭମାନଙ୍କ ଭାଇମାନଙ୍କ ପ୍ରତି ଏହିପ୍ରକାର ଦୁଃଖଭୋଗ ଘଟୁଅଛି" (୧ପିତର ୫:୮,୯) ।

"ଶୟତାନକୁ ସ୍ଥାନ ଦିଅ ନାହିଁ" (ଏଫିସୀ ୪:୨୭) ।

ଜଗତରେ ଆମେ ଯେପର୍ଯ୍ୟନ୍ତ ରହିଛୁ, ଶୟତାନ ପ୍ରତି ଆମେ ସତର୍କ ରହିବାକୁ ହେବ । ଶୟତାନ ସବୁବେଳେ ଚେଷ୍ଟା କରିବ ଯେପରି କି ସେ ଈଶ୍ୱରଙ୍କର ଆଶୀର୍ବାଦସବୁକୁ ଚୋରି କରି ନେଇଯିବ ଏବଂ ଆମ ମୁକ୍ତିର ଆଶୀର୍ବାଦସବୁକୁ ଅନୁଭବ କରିବାରୁ ଆମକୁ ରୋକିବ । ସେ ଆମକୁ ପ୍ରଲୋଭିତ କରିବ ଯେପରି ଆମେ କୌଣସି ପାପଯୁକ୍ତ ଅଭ୍ୟାସରେ ଲିପ୍ତ ହେଉ ଯାହା ଆମକୁ ଦୟନୀୟ ଓ ବିନାଶକାରୀ ସ୍ଥିତିକୁ ନେଇଯିବ, ବା ସେ କିଛି ରୋଗ ପଠାଇ ଆମ ଶରୀରକୁ ନଷ୍ଟ କରିବାକୁ ଚାହିଁବ, ଆର୍ଥିକ ଅନାଟନ ଆଣିଦେବ ଯଦ୍ଦ୍ୱାରା ଆମେ ଈଶ୍ୱର ଚାହୁଁ ଥିବା କାର୍ଯ୍ୟସବୁକୁ କରିପାରିବା ନାହିଁ, ବା ସେ ଆମର ପରିବାରକୁ ପାପଦ୍ୱାରା ନଷ୍ଟ କରିପକାଇବ, ବା ସେ ଆମ ବିରୁଦ୍ଧରେ ତାଡ଼ନା ଓ ବିରୋଧ ପଠାଇବ, ଇତ୍ୟାଦି । ଶତ୍ରୁ ଯେ କୌଣସି ପନ୍ଥା ଅନୁସରଣ କରି ଆମ ବିରୁଦ୍ଧରେ ଆସିଲେ ସୁଦ୍ଧା ଆମେ "ବିଶ୍ୱାସରେ ସ୍ଥିର ରହି ତାହାର ପ୍ରତିରୋଧ" କରିବା । ଆମେମାନେ ଶୟତାନକୁ ଆମ ଜୀବନରେ ପାଦ ରଖିବା ପାଇଁ ସୁଯୋଗ ଦେବାନାହିଁ । ଭୟ ନ କରି ଈଶ୍ୱରଙ୍କଠାରେ ଓ ତାହାଙ୍କ ବାକ୍ୟ ଉପରେ ବିଶ୍ୱାସରେ ଦୃଢ଼ରୂପେ ଠିଆ ହୁଅନ୍ତୁ । ଲୋକମାନଙ୍କ ଉପରେ କ୍ରୋଧ ନ କରି ସେମାନଙ୍କ ପ୍ରତି ତିକ୍ତଭାବ ନ ରଖି, ପରିସ୍ଥିତିସବୁ ଉପରେ ଈଶ୍ୱରଙ୍କ ବାକ୍ୟ କହନ୍ତୁ । ପ୍ରତିରୋଧ କରନ୍ତୁ ଓ ଶତ୍ରୁ ବିରୁଦ୍ଧରେ ଆତ୍ମାଙ୍କ ଖଡ୍ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟକୁ ମୁଖରେ ପ୍ରକାଶ କରନ୍ତୁ ।

ଏହି କ୍ଷେତ୍ରରେ ଅନେକ ଖ୍ରୀଷ୍ଟିୟାନ ବିଫଳ ହୋଇଥାନ୍ତି । ଶତ୍ରୁ ସେମାନଙ୍କ ବିରୁଦ୍ଧରେ ଆସିଲେ ସେମାନେ ପଳାୟନ କରନ୍ତି । ସେମାନେ ମନେ କରନ୍ତି ଆମ ମୁକ୍ତିର ଆଶୀର୍ବାଦସମୂହରେ ଜୀବନଯାପନ କରିବା ଆଉ ସମ୍ଭବ ନୁହେଁ । ସେମାନେ ଭାବନ୍ତି ଯେ ସେମାନେ ଆଶୀର୍ବାଦ ପାଆନ୍ତୁ ବୋଲି ଈଶ୍ୱରଙ୍କର ଇଚ୍ଛା ନାହିଁ । ତା' ପରିବର୍ତ୍ତେ ଆମେ ଶତ୍ରୁର ପ୍ରତିରୋଧ କରିବା ଏବଂ ଯୀଶୁ ତାହାଙ୍କ ମୃତ୍ୟୁ ଦ୍ୱାରା ଯେଉଁସବୁ ବିଷୟ ଆମକୁ ଦେଇଛନ୍ତି ସେସବୁକୁ ଆମେ ପାଇବା ପାଇଁ ମନୋନୀତ କରିବା ।

## ଆକ୍ରମଣଶୀଳ ଓ ଧୈର୍ଯ୍ୟର ସହିତ ଆଶୀର୍ବାଦଗୁଡ଼ିକର ଅଧିକାରୀ ହେବା

"ଆଉ ବାପ୍ତିଜକ ଯୋହନଙ୍କ ସମୟଠାରୁ ଆଜି ପର୍ଯ୍ୟନ୍ତ ସ୍ୱର୍ଗରାଜ୍ୟ ବଳରେ ଆକ୍ରାନ୍ତ ହେଉଅଛି, ପୁଣି ବଳରେ ଆକ୍ରମଣକାରୀମାନେ ପରାକ୍ରମରେ ତାହା ଅଧିକାର କରୁଅଛନ୍ତି" (ମାଥିଉ ୧୧:୧୨) ।

"ଯେପରି ତୁମ୍ଭେମାନେ ଶିଥିଳ ନ ହୋଇ, ଯେଉଁମାନେ ବିଶ୍ୱାସ ଓ ଧୈର୍ଯ୍ୟ ଦ୍ୱାରା ପ୍ରତିଜ୍ଞାସମୂହର ଅଧିକାରୀ ବରଂ ସେମାନଙ୍କର ଅନୁକାରୀ ହୁଅ" (ଏବ୍ରୀ ୬:୧୨) ।

"ଅତଏବ, ତୁମ୍ଭମାନଙ୍କ ସାହସ ପରିତ୍ୟାଗ କର ନାହିଁ, ସେଥିର ମହା ପୁରସ୍କାର ଅଛି । ଯେଣୁ ତୁମ୍ଭେମାନେ ଯେପରି ଈଶ୍ୱରଙ୍କ ଇଚ୍ଛା ସାଧନ କରି ପ୍ରତିଜ୍ଞାର ଫଳ ପ୍ରାପ୍ତ ହୋଇପାର, ଏଥିନିମନ୍ତେ ତୁମ୍ଭମାନଙ୍କର ଧୈର୍ଯ୍ୟଶୀଳ ହେବା ପ୍ରୟୋଜନ" (ଏବ୍ରୀ ୧୦:୩୫,୩୬) ।

ଈଶ୍ୱରଙ୍କ ଆଶୀର୍ବାଦସମୂହ ବିନାମୂଲ୍ୟରେ ଦିଆଯାଏ, ହେଲେ ସେଗୁଡ଼ିକ ଶସ୍ତା ନୁହେଁ; ଆତ୍ମିକ ଭାବରେ ଅଳସୁଆ ଲୋକଙ୍କ ନିମନ୍ତେ ସେସବୁ ଉଦ୍ଦିଷ୍ଟ ନୁହେଁ । ସେସବୁ ନିମନ୍ତେ ବହୁମୂଲ୍ୟ ଦେବାକୁ ପଡ଼ିଛି । ଈଶ୍ୱରଙ୍କ ଆପଣା ପୁତ୍ର କାଲ୍‌ବରୀରେ ଆପଣାକୁ ବଳିଦେଲେ ଓ ବିଜୟୀ ହୋଇ ପୁନରୁତ୍‌ଥିତ ହେଲେ । ପ୍ରତିଜ୍ଞାସବୁର ଅଧିକାରୀ ହେବା ନିମନ୍ତେ ଆମକୁ ଆକ୍ରମଣଶୀଳ ଅଥଚ ଧୈର୍ଯ୍ୟପୂର୍ଣ୍ଣ ଉଦ୍ୟମ କରିବାକୁ ହେବ । ମୁକ୍ତି ସମ୍ବନ୍ଧୀୟ ସତ୍ୟଜ୍ଞାତ ହେବା ଓ ଈଶ୍ୱରଙ୍କ ସଙ୍ଗେ ସହଭାଗିତାର ଜୀବନଯାପନ କରିବା, ଏବଂ ପବିତ୍ର ଜୀବନ ଯାପନ କରିବା ଯଥେଷ୍ଟ ନୁହେଁ । ଆମେ ଯେଉଁ ସତ୍ୟକୁ ଗ୍ରହଣ କରିଛୁ ସେଥିପ୍ରତି ଆମର ନିରବଚ୍ଛିନ୍ନ ବିଶ୍ୱାସ ରହିବା ଆବଶ୍ୟକ । ଏହିପରି ଦିନ ପରେ ଦିନ, ବର୍ଷ ପରେ ବର୍ଷ ଅଗ୍ରସର ହୋଇ ଚାଲନ୍ତୁ । ଆମକୁ ଅଧ୍ୟବସାୟୀ ହେବାକୁ ହେବ ଯେତେବେଳେ ଅନେକ ବିଷୟର ପରିବର୍ତ୍ତନ ଶୀଘ୍ର ସମ୍ଭବ ନୁହେଁ । ଆପଣ ବିଶ୍ୱାସ କରୁଥିବେ ଯେ ଈଶ୍ୱର କୌଣସି ରୋଗକୁ ଦିନେ ବା ଦୁଇଦିନରେ ସୁସ୍ଥ କରିଦେବେ, କିନ୍ତୁ ତାହା ହେଉନାହିଁ । ତେବେ ଧୈର୍ଯ୍ୟହରା ହୋଇ ପରିତ୍ୟାଗ କରନ୍ତୁ ନାହିଁ । ଆପଣ ଯଦି ଈଶ୍ୱରଙ୍କ ଇଚ୍ଛା ସାଧନ କରୁଛନ୍ତି, ତାହା କରି ଚାଲନ୍ତୁ । ଅଧ୍ୟବସାୟୀ ହେଉନ୍ତୁ । ସେ ଯାହା ପ୍ରତିଜ୍ଞା କରଛନ୍ତି ତାହା ନିଶ୍ଚେ ପ୍ରାପ୍ତ ହେବେ ।

## ଈଶ୍ୱରଦତ୍ତ ନୀତିଗୁଡ଼ିକୁ ପ୍ରୟୋଗ କରିବା

"ମାତ୍ର ଆମ୍ଭର ସେବକ ମୋଶା ତୁମ୍ଭକୁ ଯେସମସ୍ତ ବ୍ୟବସ୍ଥା ଆଦେଶ କରିଅଛି, ସେସବୁ ତୁମ୍ଭେ ମାନିବାକୁ ଓ କରିବାକୁ ବଳବାନ୍ ଓ ଅତି ସାହସିକ ହୁଅ; ତହିଁର ଦକ୍ଷିଣକୁ କି ବାମକୁ ଫେର ନାହିଁ, ତହିଁରେ ତୁମ୍ଭେ ଯେକୌଣସି ସ୍ଥାନକୁ ଯିବ, ସେଠାରେ କୁଶଳ ପ୍ରାପ୍ତ ହେବ" (ଯିହୋଶୂୟ ୧:୭)।

ଈଶ୍ୱର ତାଙ୍କର ବାକ୍ୟରେ ଅନେକ ଆତ୍ମିକ ନୀତି ପ୍ରକାଶ କରିଛନ୍ତି। ଆମେ ସେଥିରୁ କେତୋଟିକୁ ଆଲୋଚନା କଲୁ। ଅନ୍ୟ କେତେକ ନୀତି ଆମ ଜୀବନର ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକ ନିମନ୍ତେ ପ୍ରଯୁଜ୍ୟ। ଉଦାହରଣ ସ୍ୱରୂପ, ଦଶମାଂଶ ଦେବାର ନୀତି (ମଲାଖି ୩:୧୦-୧୨), ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ଆମ ଆୟର ଦଶମାଂଶ ଦେବାକୁ ହେବ। ଆର୍ଥିକ କ୍ଷେତ୍ରରେ ଈଶ୍ୱରଙ୍କ ଆଶୀର୍ବାଦ ପାଇବା ପାଇଁ ଆମକୁ ଏହି ନୀତିର ଅନୁସରଣ କରିବାକୁ ହେବ। ପ୍ରେମ କରିବା, କ୍ଷମା ଦେବା ଓ ପରସ୍ପର ନିକଟରେ ସମର୍ପିତ ହେବା ଅର୍ଥାତ୍ ପାରସ୍ପରିକ ସମ୍ପର୍କସମୂହ ଉପରେ ମଧ୍ୟ ନିୟମସବୁ ରହିଛି। ଈଶ୍ୱରଙ୍କ ନୀତିସବୁ ଏକତ୍ର ଛନ୍ଦାଛନ୍ଦି ହୋଇ ରହିଛନ୍ତି। ସେସବୁ ପରସ୍ପର ନିର୍ଭରଶୀଳ। ଆମେ ସେସବୁକୁ ପାଳନ କରିବାକୁ ହେବ। ସେସବୁର ଦକ୍ଷିଣରୁ ବାମକୁ ବା ବାମରୁ ଦକ୍ଷିଣକୁ ଫେରିବାକୁ ହେବ ନାହିଁ। ଯଦି ଆମେ ସେସବୁର ଅନୁସରଣ କରିବା ଓ ଆମ ଜୀବନରେ ସେସବୁର ପ୍ରୟୋଗ କରିବା, ଆମେ ଆଶୀର୍ବାଦସବୁକୁ ଅନୁଭବ କରିବା।

## ଧ୍ୟାନ ନିମନ୍ତେ ପ୍ରଶ୍ନ

୧. କେଉଁ ବିଷୟସବୁ ବିଶ୍ୱାସୀମାନଙ୍କୁ ମୁକ୍ତିର ଆଶୀର୍ବାଦସମୂହ ଅନୁଭବ କରିବାରୁ ବଞ୍ଚିତ କରେ?

୨. ମୁକ୍ତି ବାସ୍ତବ, ତଥାପି ଈଶ୍ୱରଦତ୍ତ କେତେକ ନୀତି ରହିଛି ଯାହାକୁ ପାଳନ କରିବା ଦ୍ୱାରା ହିଁ ମୁକ୍ତିର ଆଶୀର୍ବାଦସବୁକୁ ଆମେ ଅନୁଭବ କରିପାରିବା। ଏହି ଅଧ୍ୟାୟରେ ଦିଆଯାଇଥିବା ଏହି ନୀତିଗୁଡ଼ିକର ସମୀକ୍ଷା କରନ୍ତୁ ଏବଂ ଆଲୋଚନା କରନ୍ତୁ କିପରି ସେସବୁର ପ୍ରୟୋଗ ବିନା ଆମେ ମୁକ୍ତିର ଆଶୀର୍ବାଦସବୁକୁ ଅନୁଭବ କରିପାରିବା ନାହିଁ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church
Account Number : 0057213809
IFSC Code : CITI0000004
Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

## All Peoples Church
## Bible College & Ministry Training Center

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ । APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଜଣେ ମୁକ୍ତିପ୍ରାପ୍ତ ବ୍ୟକ୍ତି । ଏହାର ଅର୍ଥ ଆମେ ଶୟତାନର ବନ୍ଧନରୁ ମୁକ୍ତ କରାଯାଇଛୁ । ଶୟତାନ ବୈଧାନିକରୂପେ ତା'ର ମନ୍ଦ କାର୍ଯ୍ୟସବୁ ଦ୍ୱାରା ଜଣେ ବିଶ୍ୱାସୀକୁ ଅତ୍ୟାଚାର କରିପାରିବ ନାହିଁ । ଦିନେ ଆମେ ବନ୍ଧନ ମଧ୍ୟରେ ଥିଲୁ, ଏବେ ସେଥିରୁ ମୁକ୍ତି ପାଇଛୁ । ଦିନେ ଆମେ ଅନ୍ଧକାର ରାଜ୍ୟରେ ଥିଲୁ, ଏବେ ଦୀପ୍ତି ରାଜ୍ୟରେ ଅଛୁ ।

ଆମର ମୁକ୍ତି ଏକ ବର୍ତ୍ତମାନକାଳୀନ ବାସ୍ତବତା । ଭବିଷ୍ୟତରେ ଶୟତାନର କର୍ତ୍ତୃତ୍ୱରୁ ମୁକ୍ତ ହେବା ବୋଲି ଆମେ ଆଶା କରିବା ଅଯଥାର୍ଥ । ମୁକ୍ତିର ମୂଲ୍ୟ ଦିଆସରିଛି । ଆମକୁ ମୁକ୍ତ କରାଯାଇଛି । ଏଠାରେ ଓ ଏବେ, ଆମ ଜୀବନର ଯାତ୍ରାପଥରେ, ଖ୍ରୀଷ୍ଟଙ୍କଠାରେ ଆମେ ମୁକ୍ତିର ଆଶୀର୍ବାଦସମୂହ ଲାଭ କରିପାରୁ । ଶତ୍ରୁ ଯଦି ତା'ର କାର୍ଯ୍ୟସବୁ ଦ୍ୱାରା ଅର୍ଥାତ୍ ପାପଯୁକ୍ତ ବନ୍ଧନ, ଅସୁସ୍ଥତା, ଅଭାବ, ବିରୋଧ, ଇତ୍ୟାଦି ଦ୍ୱାରା ଆମକୁ ଆକ୍ରମଣ କରିବାକୁ ଚେଷ୍ଟା କରେ, ଆମେ ଆମର ମୁକ୍ତିକୁ ଦାବି କରିବା ଓ ଅନ୍ଧକାରର କାର୍ଯ୍ୟସବୁର ପ୍ରତିବାଧା କରିବା, କାରଣ ଆମେ ପ୍ରଭୁଙ୍କ ଦ୍ୱାରା ମୁକ୍ତିପ୍ରାପ୍ତ ।

ଆଶିଷ୍ ରାଇଚୁର୍